ନିର୍ଭୀକ ଆମ

R.N.I. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

• Vol -1 • Issue - 8 • April 01 - 15, 2026 • Bhubaneswar • Rs. 5 • Pages - 08 • Fortnightly

• ଭାଗ-୧ • ସଂଖ୍ୟା-୮ • ଏପ୍ରିଲ ୦୧ - ୧୫, ୨୦୨୬ • ଭୁବନେଶ୍ୱର • ମୂଲ୍ୟ ୫.୦୦ ଟଙ୍କା • ପୃଷ୍ଠା ସଂଖ୍ୟା -୦୮ • ପାକ୍ଷିକ

# ମାଓମୁକ୍ତ ଭାରତ ପାଇଁ ସଜାଗ ସରକାର



ନୂଆଦିଲ୍ଲୀ: ଦିନ ଥିଲା ଟିଭି ଖୋଲିଲେ କିମ୍ବା ଖବର କାଗଜର ପୃଷ୍ଠା ଓଲଟାଇଲେ ମାଓବାଦୀଙ୍କ ବର୍ବରତାର ଚିତ୍ର ଦେଖିବାକୁ ମିଳୁଥିଲା । ସବୁଦିନ ସୀମାନ୍ତବର୍ତ୍ତୀ ଇଲାକାରୁ ନକ୍ସଲଙ୍କ ନିଷ୍ଠୁରତାର ଖବର ସାମ୍ନାକୁ ଆସୁଥିଲା । କେଉଁଠି ପୋଲିସ ଇନଫର୍ମର ସନ୍ଦେହରେ କାହାକୁ ମାଓବାଦୀ ଘରୁ ଟେକିନେଇ ଗାଁ ମୁଣ୍ଡରେ ହତ୍ୟା କରୁଥିଲେ ତ ପୁଣି କେଉଁଠି ବିକାଶ କାମକୁ ବିରୋଧ କରି ନକ୍ସଲମାନେ ଟିପର ଜାଳିଦେଉଥିଲେ । କେବେ ଜିଲ୍ଲାପାଳଙ୍କୁ ତ କେବେ ବିଦେଶୀ ନାଗରିକଙ୍କୁ ଅପହରଣ କରି ରଖୁଥିଲେ । ଅସ୍ତ୍ରାଗାର ଲୁଟ୍, ଜେଲ ପୋଡ଼ି ପରି ବର୍ବରକାଣ୍ଡ ଲାଲ୍ ଆତଙ୍କର ଗୋଟେ ଗୋଟେ ରକ୍ତାକ୍ତ ଦସ୍ତାବିଜ ହୋଇ ରହିଛି ଓଡ଼ିଶା ଛାତିରେ । ଖାଲି ଆମ ରାଜ୍ୟ ନୁହେଁ ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ରେ ସକ୍ରିୟ ଥିଲେ ମାଓବାଦୀ । ଗୋଟେ ସମୟ ଥିଲା ମାଓବାଦୀଙ୍କ ପାଇଁ ସାଧାରଣ ଲୋକଙ୍କ ମନରେ କୋକୁଆ ଭୟ ଖେଳିଯାଇଥିଲା । ଲୋକଙ୍କୁ ନିର୍ମମ ହତ୍ୟା କରି, ଗଳାକାଟି ନିଦ ହଜାଇ ଦେଇଥିଲେ ନକ୍ସଲ । ପାଖାପାଖି ୫୬ ବର୍ଷ ମାଓ ଆତଙ୍କରେ ଆତଙ୍କିତ ହୋଇ ରହିଥିଲେ ମଣିଷ ଆଉ ସେହି ନକ୍ସଲମାନଙ୍କ ସହ ଚାଲିଥିଲା ଆମ ବୀର ଯବାନଙ୍କ ସଂଘର୍ଷ... ହେଲେ ଆଜି ସେ ଦିନ ଆଉ ନାହିଁ... ଦିନେ ଯେଉଁ ଲାଲବାହିନୀ ଡରରେ ଲୋକେ ଘରେ ଲୁଚୁଥିଲେ ଏବେ କିନ୍ତୁ ସେହି ନକ୍ସଲମାନେ ଜୀବନ ବିକଳରେ ଅନ୍ଧାରୀ ଜଙ୍ଗଲରେ ଲୁଚୁଛନ୍ତି । ପୋଲିସ ଓ ଯବାନଙ୍କ ଗୁଳିକୁ ଡରି ଆତ୍ମସମର୍ପଣ କରୁଛନ୍ତି । ଏକପ୍ରକାର କହିବାକୁ ଗଲେ ଲାଲଗଡ଼ ଭୁଶୁଡ଼ିଛି ଏବଂ ଭାରତ ମାଓମୁକ୍ତ ହୋଇଛି । ଆଜି ଅର୍ଥାତ ୩୧ ମାର୍ଚ୍ଚ ୨୦୨୬ ନକ୍ସଲ ସରେଣ୍ଡରର ଶେଷ ଦିନ ହୋଇଥିବା ବେଳେ କାଲିଠାରୁ ଆଉ ନକ୍ସଲଙ୍କୁ ନିସ୍ତାର ଦିଆଯିବନି ବୋଲି ପୂର୍ବରୁ ଚେତାବନୀ ଦିଆଯାଇଥିଲା । ଅସ୍ତ୍ର ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଏବଂ ବିକାଶ କାମରେ ବାଧା ନଦେବାକୁ ଦେଶକୁ ମାଓମୁକ୍ତ କରିବାକୁ ଯେଉଁ ସ୍ୱପ୍ନ ଦେଖାଯାଇଥିଲା ତାହା ସତ ହୋଇଛି । ଭାରତରେ ନକ୍ସଲବାଦ ଶେଷ ନିଶ୍ୱାସ ତ୍ୟାଗ କରିଛି ବୋଲି ଗତକାଲି ଲୋକସଭାରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିବୃତି ରଖିଥିଲେ । ବସ୍ତରରୁ ନକ୍ସଲବାଦ ସଫା ହୋଇଥିବା ସେ କହିଥିଲେ । ଦେଶ ଲମ୍ବା ସମୟ ଧରି ନକ୍ସଲବାଦରେ ପୀଡ଼ିତ ଥିଲା । ବାମପନ୍ଥୀ ବିଚାରଧାରା ପାଇଁ ନକ୍ସଲବାଦ ବ୍ୟାପିଲା । ମାତ୍ର ମୋଦୀଙ୍କ ଶାସନରେ ଦେଶ ମାଓମୁକ୍ତ ହୋଇପାରିଲା ବୋଲି ଶାହ ଦମ୍ଭର କହିଥିବା ବେଳେ ଅପରେସନ୍ ମାଓମୁକ୍ତର ପୂରା ଶ୍ରେୟ ଯବାନ ଏବଂ ପୁଲିସକୁ ଦେଇଥିଲେ । ମାଓବାଦ ମୁକ୍ତ ନେଇ ଆଜି ପୁରୁଛି ଡେଡଲାଇନ୍ । ମାର୍ଚ୍ଚ ଶେଷ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ନାଶ କରିବାକୁ ଟାର୍ଗେଟ ଦେଇଥିଲେ ଗୃହମନ୍ତ୍ରୀ ଅମିତ ଶାହ । ପ୍ରାୟ ସମସ୍ତ ଅଂଚଳରେ ମାଓବାଦୀଙ୍କୁ ନିପାତ କରାଯାଇଛି । ବଡ଼ ଏବଂ କୁଖ୍ୟାତ ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜରୁ ମୁଖ୍ୟ ସ୍ରୋତକୁ ଫେରିଛନ୍ତି । ବର୍ଷ ବର୍ଷ ଧରି ନକ୍ସଲ ମାନେ ନିରୀହ ଆଦିବାସୀଙ୍କୁ ଭୁଆଁ ବୁଲାଇ ଅନ୍ଧାରରେ ରଖିଥିଲେ । ବିକାଶରୁ ସେମାନଙ୍କୁ ଦୂରେଇ ରଖି ନକ୍ସଲବାଦୀମାନେ ସେମାନଙ୍କୁ ଶୋଷଣ କରୁଥିଲେ । ନକ୍ସଲବାଦକୁ ଦେଶର ବିକାଶରେ ଏକ ବଡ଼ ବାଧା ଥିଲା । ମାତ୍ର କେନ୍ଦ୍ର ସରକାରଙ୍କ ପ୍ରଭାବଶାଳୀ ରଣନୀତି ଯୋଗୁଁ ନକ୍ସଲ ପ୍ରଭାବିତ ଅଞ୍ଚଳ ଏବେ ସଂକୁଚିତ ହେବାରେ ଲାଗିଛି । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ କ୍ଷେତ୍ରରେ ନୂଆ ବିକାଶ ଜରିଆରେ ଆଦିବାସୀ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଉଛି ବୋଲି ଶାହ କହିଥିଲେ ।

## ମାଓବାଦୀ ପ୍ରସଙ୍ଗ ନେଇ କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ନବରଙ୍ଗପୁର ସାଂସଦ



ନବରଙ୍ଗପୁର: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ସମ୍ପୁର୍ଣ୍ଣ ମାଓମୁକ୍ତ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଶ୍ରୀ ଶାହାଙ୍କୁ ଭେଟିଛନ୍ତି ନବରଙ୍ଗପୁର ସାଂସଦ ଇଂ.ବଳଭଦ୍ର ମାଝୀ। ଯଦିଓ ସେ ଘୋଷଣା କରିଛନ୍ତି ତାହାକୁ କାଗଜକଲମରେ କରିବା ସହ ୱେବ ଏବଂ ବିଭିନ୍ନ ପର୍ଯ୍ୟଟନ ସାଇଟରେ ବି ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି ସାଂସଦ। ଏହା ଫଳରେ ତାଙ୍କ ସଂସଦୀୟ କ୍ଷେତ୍ରରେ ଥିବା ନବରଙ୍ଗପୁର ଓ ମାଲକାନଗିରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଅନ୍ତଃରାଷ୍ଟ୍ରୀୟ ପର୍ଯ୍ୟଟକ ଆସିବା ଆରମ୍ଭ ହେବ। ବିଭିନ୍ନ ବିଦେଶୀ ପର୍ଯ୍ୟଟକମାନେ ମାଓ ଅଂଚଳ ଭାବି ଏଠାକୁ ବୁଲିବାକୁ ଆସିବାକୁ ଭୟ ପ୍ରକାଶ କରୁଛନ୍ତି। କେନ୍ଦ୍ର ସରକାର ଏହାକୁ ଅଧିକା ପ୍ରଚାର ଓ ପ୍ରସାର କରିବା ସହ ଖାସ୍ କରି ଏହି ଦୁଇ ଜିଲ୍ଲାସମ୍ପର୍କରେ କରିଲେ ବିଦେଶୀ ପର୍ଯ୍ୟଟକ ଆସିବା ସହ ପର୍ଯ୍ୟଟନ ଶିଳ୍ପର ବି ଅଭିବୃଦ୍ଧି ହେବ ବୋଲି ଆଲୋଚନା କରିଥିଲେ। ଏହା ସହ ତାଙ୍କ ସଂସଦୀୟ କ୍ଷେତ୍ରର ଗମନାଗମନ (ରେଳ, ଏନଏଚଏଆଇ), ଆଇନଶୃଙ୍ଖଳା, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନକୁ ନେଇ ଆଲୋଚନା କରିଥିଲେ। ତେଲ ମଧ୍ୟମ ଜଳସେଚନ ପ୍ରକଳ୍ପ ଓ କୋଲାବ ମିଡିଲ ପ୍ରକଳ୍ପ ପାଇଁ ଆଲୋଚନା କରିଥିଲେ। ତେଲ ପ୍ରକଳ୍ପ ହେଲେ ଜିଲ୍ଲାର ସୁଖା ଅଂଚଳ ଚନ୍ଦାହାଣ୍ଡି ଓ କୋଲାବ ମିଡିଲ ପ୍ରକଳ୍ପ ହେଲେ ମାଲକାନଗିରୀ ଜିଲ୍ଲାର ଜଳସେଚନର ଉନ୍ନତି ହେବା ସହ ଚାଷରେ ଅଭିବୃଦ୍ଧି ହେବ ବୋଲି କହିଥିବା କହିଛନ୍ତି ସାଂସଦ। ୨୦୧୯ମସିହାରେ ବସ୍ତର ଅଂଚଳକୁ କେନ୍ଦ୍ରମନ୍ତ୍ରୀ ଗସ୍ତରେ ଆସିଥିଲେ। ତେବେ ନବରଙ୍ଗପୁର ସାଂସଦୀୟ କ୍ଷେତ୍ରରେ ଗୃହମନ୍ତ୍ରୀ ଆସିନଥିବାରୁ ପରିଦର୍ଶନରେ ଆସିବା ପାଇଁ ସାଂସଦ ନିମନ୍ତ୍ରଣ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଗସ୍ତରେ ଆସିଲେ ନିଶ୍ଚିତ ରୁପେ ସାଂସଦୀୟ ଅଂଚଳର ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ହେବ ବୋଲି ସାଂସଦ କହିଛନ୍ତି। ଅଲୋଚନା ଫଳପ୍ରଦ ହେବା ସହ ଗୃହମନ୍ତ୍ରୀ ସକାରତ୍ମକ ମନ୍ତବ୍ୟ ଦେବା ସହ ଓଡିଶା ଏବଂ ଖାସ୍ କରି ଆଦିବାସୀ ଅଧ୍ୟୁଷିତ ଅଂଚଳର ବିକାଶକୁ ପ୍ରାଥମିକତା ଲକ୍ଷ୍ୟ ବୋଲି କହିଥିବା କହିଛନ୍ତି ସାଂସଦ।

## ସରୁଛି ଟୋକନ ଅବଧି

# ଧାନ ବିକ୍ରିକୁ ନେଇ ଚାଷୀ ଅସନ୍ତୋଷ




ଭଦ୍ରକ: ଭଦ୍ରକ ଜିଲ୍ଲାରେ ସବୁଠି ଦେଖିବାକୁ ମିଳୁଛି ଧାନ ବିକ୍ରିକୁ ନେଇ ଚାଷୀ ଅସନ୍ତୋଷ। ଧାନ ବିକ୍ରି ଆରମ୍ଭ ହେବା ଦିନ ଠାରୁ ଘୋର ଅବ୍ୟବସ୍ଥା ଭିତରେ ଚାଷୀ ତାର ଧାନ ବିକ୍ରି କରୁଛି। ଜାନୁଆରି ୫ ତାରିଖ ଠାରୁ ସରକାରୀ ମଣ୍ଡିରେ ଧାନ କିଣା ଆରମ୍ଭ ହେବା ଦିନ ଠାରୁ ମାର୍ଚ୍ଚ ୩୦ ତାରିଖ ପର୍ଯ୍ୟନ୍ତ କୌଣସି ଗୋଟିଏ ଦିନ ଚାଷୀ ସୁରୁଖୁରୁରେ ତାର ଧାନ ବିକ୍ରି କରି ପାରିଲା ନାହିଁ। ମାର୍ଚ୍ଚ ୩୧ ତାରିଖ ଚଳିତ ବର୍ଷର ଧାନ କିଣା ଅବଧି ଶେଷ ହେବାକୁ ଯାଉଛି। କିନ୍ତୁ ଆଜି ସୁଦ୍ଧା ଭଦ୍ରକ ଜିଲ୍ଲାର ଚାଷୀଙ୍କ ଠାରୁ ସବୁ ଧାନ କିଣା ଯାଇ ପାରିଲା ନାହିଁ। ପ୍ରଶାସନ ଯେଉଁ ଟାର୍ଗେଟ ନେଇଥିଲେ ସେ ଟାର୍ଗେଟ ବି ଛୁଇଁ ପାରିଲେ ନାହିଁ। ଯେଉଁଠି ପ୍ରଶାସନ ନିଜର ଅସହାୟତା ପ୍ରକାଶ କରିଛି। ସେଠି ଚାଷୀର ଅବସ୍ଥା କଣ ହେଉଥିବ ତାହା ଅନୁମାନ କରାଯାଇ ପାରୁଛି। ଧାନ କିଣାରେ ୩ ମାସ ବିତିଗଲା। ତଥାପି ଚାଷୀର ଧାନ ସରକାରୀ ମୁଣ୍ଡି ରୁ ଉଠି ପାରିଲା ନାହିଁ କି ଚାଷୀ ତାର ପ୍ରାପ୍ୟ ଠିକ ଭାବରେ ପାଇ ପାରିଲା ନାହିଁ। ପ୍ରକାଶ ଥାଉକି, ଭଦ୍ରକ ଜିଲ୍ଲାରେ ଚଳିତ ଖରିଫ ଋତୁରେ ପ୍ରଶାସନ ପକ୍ଷରୁ ସରକାରୀ ମଣ୍ଡିରେ ମୋଟ ୩୫ ଲକ୍ଷ ୩୫ ହଜାର ୫୫୯ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ରଖି ଥିଲେ। ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ଜିଲ୍ଲାରେ ୩୪ ଲକ୍ଷ ୨୬ ହଜାର ୩୩ କୁଣ୍ଟଆଲ ଧାନ କିଣା ଯାଇଛି। ଏଥିରୁ ମିଲରମାନେ ଆଜି ସୁଦ୍ଧା ୨୭ ଲକ୍ଷ ୨୪ ହଜାର ୪୯୨ କୁଣ୍ଟାଆଲ ଧାନ ଉଠାଇଛନ୍ତି। ବଳକା ଧାନ ୭ ଲକ୍ଷ ୧ ହଜାର ୫୪୧ କୁଣ୍ଟାଲ୍ ଧାନ ପ୍ରଶାସନର ହେପାଜତରେ ମଣ୍ଡିରେ ରହିଛି। ଏହି ବଳକା ଧାନକୁ ଖୁବ ଶୀଘ୍ର ମିଲର ମାନେ ଉଠାଇ ନେବେ। ଜିଲ୍ଲାରେ ମୋଟ ୯୬ ହଜାର ଚାଷୀ ଧାନ ବିକ୍ରି କରିବା ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ। ଆଜି ସୁଦ୍ଧା ମୋଟ ୮୮ ହଜାର ୬୨୮ ଜଣ ଚାଷୀ ସରକାରୀ ମଣ୍ଡିରେ ସେମାନଙ୍କର ଧାନ ବିକ୍ରି କରିଛନ୍ତି। ଏମାନଙ୍କ ମଧ୍ୟରୁ ୬୩ ହଜାର ୧୦୩ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି ର ପ୍ରାପ୍ୟ ପାଇ ଯାଇଛନ୍ତି ବୋଲି ଭଦ୍ରକ ଜିଲା ଯୋଗାଣ ଅଧିକାରୀ ଶ୍ରୀ ପଟ୍ଟନାୟକ ସମ୍ବାଦକୁ କହିଛନ୍ତି। ଯୋଗାଣ ବିଭାଗର ଏହି ତଥ୍ୟ ଅନୁଯାୟୀ ଜିଲ୍ଲାରେ ଆହୁରି ୭ ହଜାର ୩୭୨ ଜଣ ପାଞ୍ଜିକୃତ ଚାଷୀ ଧାନ ବିକ୍ରି ନକରି ପରି ଅପେକ୍ଷା ରେ ରହିଛନ୍ତି। ଯେଉଁ ମାନେ ଟୋକନ ପାଇଛନ୍ତି । କିନ୍ତୁ ଧାନ ବିକ୍ରି କରି ପରିବାର ସୁଯୋଗ ପାଉ ନାହାନ୍ତି। ସରକାର ଧାନ କିଣିବା ପାଇଁ ଜିଲ୍ଲାରେ ଯେଉଁ ଟାର୍ଗେଟ ନେଇଥିଲେ , ସେହି ଟାର୍ଗେଟ ପୁରଣ ପାଇଁ ଆହୁରି ୧ ଲକ୍ଷ ୯ ହଜାର ୫୨୬ କୁଣ୍ଟାଲ ଧାନ ବଳକା ରହିଛି। ଏହି ବଳକା ଧାନ ଓ ବଳକା ଚାଷୀଙ୍କ ଦୁଃଖ ପାଇଁ ପ୍ରଶାସନ କଣ ପକ୍ଷେପ ନେବେ ତାହା ଉପରେ ଜିଲ୍ଲା ଯୋଗାଣ ବିଭାଗ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି।

## ୧ ଲକ୍ଷ ୧୧ ହଜାର ଚାଷୀଙ୍କ ଧାନ ସଂଗ୍ରହ ହୋଇପାରିନାହିଁ: ବିଜେଡି

ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ ସଂଗ୍ରହ ପାଇଁ ୩୧ ମାର୍ଚ୍ଚ ଶେଷ ତାରିଖ ଥିବାବେଳେ, ଆଜି ସୁଦ୍ଧା ଆହୁରି ୧ ଲକ୍ଷ ୧୧ ହଜାର ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହୋଇପାରି ନାହିଁ, ଯାହା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ବିଜୁ ଜନତା ଦଳ କହିଛି। ଏହି ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଥିବା ଅବଧିକୁ ଅତି କମ୍ରେ ୧୫ ଦିନ ପାଇଁ ବୃଦ୍ଧି କରନ୍ତୁ ଓ ରବି ଧାନ ପାଇଁ ପଞ୍ଜିକରଣ ଅବଧିକୁ ୧ ମାସ ବୃଦ୍ଧି କରନ୍ତୁ ବୋଲି ବିଜେଡି ଦାବି କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସଞ୍ଜୟ ଦାସବର୍ମା ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ରୋହିତ ପୂଜାରୀ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ।

ସଞ୍ଜୟ ଦାସବର୍ମା କହିଥିଲେ, ସରକାର କେବଳ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି। କିନ୍ତୁ ବିଧାନସଭାରେ ସ୍ୱୀକାର କଲେ ଯେ, ରାଜ୍ୟରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ ଭିତରୁ ଧାନ ବିକ୍ରି ପାଇଁ ଶେଷ ତାରିଖ ଅର୍ଥାତ ୩୧ ମାର୍ଚ୍ଚ ସୁଦ୍ଧା ୧ ଲକ୍ଷ ୧୧ ହଜାର ଚାଷୀ ଧାନ ବିକ୍ରି କରିବା ପାଇଁ ସମର୍ଥ ହୋଇପାରି ନାହାନ୍ତି। ରାଜ୍ୟର ଅଧିକାଂଶ ଜିଲ୍ଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ବେଳେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି।







# ଏପ୍ରିଲ ୧୩ ଓ ୧୪, ଦୁଇଦିନ ଧରି ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର: ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ୭୮ତମ ପ୍ରତିଷ୍ଠା ଦିବସ ଚଳିତ ମାସ ଅପ୍ରିଲ୍ ୧୩ ଓ ୧୪ ଦୁଇ ଦିନ ଧରି ପାଳିତ ହେବ। ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଏହି ଉତ୍ସବକୁ ଅପ୍ରିଲ ୧୩ ତାରିଖରେ ସ୍ୱତନ୍ତ୍ର ଭାବେ ଏବଂ ୧୪ ତାରିଖରେ ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ' ସହ ମିଳିତ ସମନ୍ୱୟରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ମହୋତ୍ସବର ଆୟୋଜନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଭୁବନେଶ୍ୱର ମହାନଗର ନିଗମ କମିସନର ଚଞ୍ଚଳ ରାଣା ଉପସ୍ଥାପନ କରିଥିଲେ ।

ବୈଠକରୁ ମିଳିଥିବା ବିବରଣୀ ଅନୁସାରେ, ରାଜଧାନୀ ପ୍ରତିଷ୍ଠା ଦିବସ ଏପ୍ରିଲ ୧୩ ତାରିଖ ପୂର୍ବାହ୍ନରେ ପିଏମଜି ଛକସ୍ଥିତ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ। ଉତ୍ସବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ। ଏହା ସହିତ ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ଏକ ଆକର୍ଷଣୀୟ ବେସାମରିକ ପରେଡ୍ ଅନୁଷ୍ଠିତ ହେବ। ସେହପରି ଉତ୍ସବ ଉପଲକ୍ଷେ ଜୟଦେବ ଭବନଠାରେ ରାଜଧାନୀର ଐତିହ୍ୟ ଓ ଗୌରବକୁ ନେଇ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରାତଃ କାଳୀନ ପରେଡ୍ କାର୍ଯ୍ୟକ୍ରମଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ପିଇବା ପାଣି, ଆବଶ୍ୟକ ଓଆରଏସ୍ ଏବଂ ଆନୁଷଙ୍ଗିକ ସୁବିଧା କରିବାକୁ ପରାମର୍ଶ ଦିଆଯାଇଛି । ୧୩ ତାରିଖ ସଂଧ୍ୟାରେ ଉତ୍କଳ ମଣ୍ଡପଠାରେ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଉତ୍ସବର ଦ୍ୱିତୀୟ ଦିନ ଏପ୍ରିଲ ୧୪ ତାରିଖରେ ଉତ୍କଳ ମଣ୍ଡପଠାରେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ପକ୍ଷ ସହ ସମନ୍ୱିତ କରାଯାଇ ଅନୁଷ୍ଠିତ ହେବ । ଦୁଇଦିନ ଧରି ଉତ୍ସବରେ ବିଭିନ୍ନ ଅତିଥିମାନେ ଯୋଗଦେବେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ଼ଏନ ତିରୁମାଲା ନାଏକ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ପାତ୍ରୀଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟକୋ, ପୁଲିସ କମିଶନରେଟ୍ ଏବଂ ଅଗ୍ନିଶମ ସେବା ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସଂପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



## ମାଟିରେ ତାଳଚାରା ଥୋଇ କାମ ସାରି ଦେଲା ବନବିଭାଗ

ସମ୍ବଲପୁର: ରାଜ୍ୟରେ ବଜ୍ରପାତଜନିତ କ୍ଷୟକ୍ଷତିକୁ ରୋକିବ ବନ ବିଭାଗ। ରାସ୍ତା କଡ଼ରୁ ନେଇ ଖୋଲା ସ୍ଥାନ ପର୍ଯ୍ୟନ୍ତ ତାଳଗଛ ବା 'ପାମ୍ ଟ୍ରି' ଲଗାଯିବ। ୨୦୨୪ ମସିହାରେ ବନ ବିଭାଗ ତାଳଗଛ ଲଗାଇବା ପାଇଁ ନୂତନ ଯୋଜନା ଆରମ୍ଭ କରିଥିଲା। ସମ୍ବଲପୁର ବନ ବିଭାଗ ଉକ୍ତ ନିର୍ଦ୍ଦେଶନାମାକୁ ଏକ ନାଟକ ଭାବେ ଗ୍ରହଣ କଲା। ତାଳଗଛ ସଂଗ୍ରହ ହେଲା, ମାଟିରେ ନେଇ ରଖାଗଲା, ଫଟୋ ଉଠାଇ ବିଭାଗକୁ ପ୍ରଦାନ କରାଗଲା। କିନ୍ତୁ ଗଛକୁ ମାଟିରେ ପୋତା ନ ଯାଇ ସର୍ଭାଇଭାଲ୍ ରିପୋର୍ଟ ପ୍ରଦାନ କରିଦିଆଗଲା। ସେପଟେ, କଳା ପଲିଥିନ୍ ଗୁଡ଼ା ହୋଇଥିବା ଚାରାଗଛଗୁଡ଼ିକ କେଉଁ କାଳରୁ ମରି ସାରିଥିବା ବେଳେ ସେମାନଙ୍କ ସହ ହୋଇଥିବା ଅନ୍ୟାୟକୁ ବଖାଣୁଛନ୍ତି। ଏ ନେଇ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ତଦନ୍ତ କଲେ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି।

୨୦୨୫-୨୦୨୬ ଆର୍ଥିକ ବର୍ଷରେ ସମ୍ବଲପୁର ଜିଲ୍ଲା ପଡ଼ିଆବାହାଲ ରେଞ୍ଜ ଅନ୍ତର୍ଗତ ପରଶାଳିଖମନ୍ ସଂରକ୍ଷିତ ଜଙ୍ଗଲର ମେଘପାଲ, ହାତୀଦହଲା, କୁମ୍ଭିନାଳୀ ଆଦି ଗାଁରେ ୧ ହଜାର ତାଳ ଚାରା ରୋପଣ କରାଯାଇଥିବା ନେଇ ବିଭାଗୀୟ ରିପୋର୍ଟ ପ୍ରଦାନ କରାଯାଇଛି। ୪ ହେକ୍ଟର ପରିମିତ ଅଞ୍ଚଳରେ ଏହି ଗଛ ଲଗାଯାଇଥିବା ରେକର୍ଡରେ ଦର୍ଶାଯାଇଛି। ଏଥିରୁ ମେଘପାଲ ଅଞ୍ଚଳରେ ୧ ହେକ୍ଟର ଜମିରେ ୧୪୩ଟି ଚାରାରୋପଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ନିଆଯାଇଥିବା ଗଛରୁ ଅର୍ଦ୍ଧାଧିକକୁ ନିୟମାନୁସାରେ ପ୍ରତି ୯ ମିଟର ବ୍ୟବଧାନରେ ସଜେଇ ରଖାଗଲା। କିନ୍ତୁ ଚାରାଗୁଡ଼ିକୁ ଆଉ କଳାରଙ୍ଗର ଜରିରୁ ଖୋଲାଗଲାନି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ବର୍ଷା ସରିବା ପରେ ଗତବର୍ଷ ଅକ୍ଟୋବର-ନଭେମ୍ବର ମାସରେ ବନ ବିଭାଗ ପକ୍ଷରୁ ଉକ୍ତ ଗଛ ନେଇ ରଖି ଦିଆଯାଇଥିବା ବେଳେ ସେଗୁଡ଼ିକୁ କିଭଳି ପୋତାଯିବ ଓ ତାହାର ରକ୍ଷଣାବେକ୍ଷଣ ହେବ, ସେ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଫଳରେ ସେହି କଳା ରଙ୍ଗର ପଲିଥିନ୍‌ରେ ରହିରହି ତାଳ ଚାରାଗୁଡ଼ିକ ମରିଯାଇଥିଲା।

ଉକ୍ତ ଚାରାଗୁଡ଼ିକ ମରିଯିବା ପରେ ବି ସେଗୁଡ଼ିକୁ ଆଜିଯାଏଁ ବନବିଭାଗ ଅଧିକାରୀ ଥରକ ପାଇଁ ଦେଖିବାକୁ ଗଲେନି। ତେବେ ଭାତହାଣ୍ଡିରୁ ଗୋଟିଏ ଭାତ ଚିପିବା ଭଳି ସମ୍ବଲପୁର ଜିଲ୍ଲାର ୫ଟି ବନାଞ୍ଚଳ ମଧ୍ୟରୁ ଏହା କେବଳ ଗୋଟିଏ ସଂରକ୍ଷିତ ଜଙ୍ଗଲର ଚିତ୍ର। ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଜିଲ୍ଲାର ସମସ୍ତ ୫ଟି ରେଞ୍ଜରେ ୧୯ ହଜାର ତାଳଚାରା ରୋପଣ କରାଯାଇଥିବା ବେଳେ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ୧୭ ହଜାର ଚାରା ରୋପଣ କରାଯାଇଥିବା ନେଇ ବନ ବିଭାଗ ନିଜ ରେକର୍ଡରେ ଦର୍ଶାଇଛି। ଏହି ୨ ବର୍ଷରେ ତାଳଚାରା ରୋପଣ ପାଇଁ କେବଳ ୫ ଲକ୍ଷ ୨୩ ହଜାର ୭୧୦ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ 'ସରକାର୍ କା ମାଲ୍ ଦରିଆ ମେ ଡାଲ୍' ନୀତିରେ ସମ୍ବଲପୁର ବନ ବିଭାଗ କେବଳ କାଗଜକଲମରେ ତାଳଗଛ ଲଗାଇ ସରକାରୀ ଟଙ୍କା ଚଲୁ କରିଦେଇଥିବା ଅଭିଯୋଗ ହୋଇଛି।

# ନିୟମ ଦଳି ରିଂବନ୍ଧ ସଂପ୍ରସାରଣ: ବାରମ୍ବାର ବଦଳୁଛି କାଠଯୋଡ଼ି ପ୍ରକଳ୍ପ ନକ୍ସା

- ଭଙ୍ଗାଗଢ଼ାରେ ଗଲାଣି ୩ ବର୍ଷ
- ରେଳବାଇ, ଜଳସଂପଦ ବିଭାଗର ବିନା ଏନ୍ଓସିରେ ନିର୍ମାଣ

କଟକ: ଜଳସଂପଦ ବିଭାଗର ଅନୁମତି ନାହିଁ, କିନ୍ତୁ କାଠଯୋଡ଼ି ଭିତରେ ନିର୍ମାଣ କାର୍ଯ୍ୟ ଚାଲିଛି। ରେଳ ବିଭାଗର ଅନୁମତି ନାହିଁ, କିନ୍ତୁ ରେଳବାଇ ପାଇଁ ସଂରକ୍ଷିତ ସ୍ଥାନରେ ପିଲ୍ଲା ନିର୍ମାଣ ହୋଇଛି। ସରକାରୀ ବ୍ୟବସ୍ଥାର ସବୁ ନିୟମକୁ ଉଲ୍ଲଂଘନ କରି ଖାନନଗର ନେତାଜୀ ବସ୍ ଟର୍ମିନାଲରୁ ଖପୁରିଆ ପର୍ଯ୍ୟନ୍ତ କାଠଯୋଡ଼ି ଭିତରେ ଚାଲିଥିବା ସଂପ୍ରସାରିତ ସେତୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଚାଲିଛି। ବାରମ୍ବାର ନକ୍ସା ଆଉ ଯୋଜନା ବଦଳୁଛି। ୨୦୨୩ରୁ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟ ବର୍ଷକ ଭିତରେ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୨୦୨୭ ଶେଷ ସୁଦ୍ଧା ରାସ୍ତା ସଂପୂର୍ଣ୍ଣ ହେବା ନେଇ ମଧ୍ୟ ଆଶଙ୍କା ରହିଛି। ୧୨୦ କୋଟି ଟଙ୍କାରେ ଟେଣ୍ଡର ନେଇଥିବା ଆଁକେଡି କନ୍‌ଷ୍ଟ୍ରକସନ୍ ସଂସ୍ଥା ଏଭଳି ସରକାରୀ ତ୍ରୁଟି ଭିତରେ ପଶି ସହଜରେ ବାହାରିବାର ବାଟ ବି ପାଉନି।

ଖାନନଗର ନିକଟରେ ଆଧୁନିକ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ସମୟରେ ସହଜ ସୁଗମ ବସ୍ ଚଳାଚଳକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ସେତେବେଳେ କଟକ ସାଂସଦ ଭର୍ତ୍ତୃହରି ମହତାବ ମଧ୍ୟ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ନେତାଜୀ ବସ୍ ଟର୍ମିନାଲ୍ ଯୋଜନାକୁ ଜିଦ୍‌ରେ କାର୍ଯ୍ୟକାରୀ କରାଇ ନିଆଯିବା ସହିତ କାଠଯୋଡ଼ି ଭିତରେ ସଂପ୍ରସାରିତ ରାସ୍ତାର ଯୋଜନା କରାଗଲା। ଏଥିପାଇଁ କାଠଯୋଡ଼ି ବନ୍ଧ ପାର୍ଶ୍ୱରେ ଥିବା ହଜାର ହଜାର ଗଛ କାଟି କଟକର ପରିବେଶ ସନ୍ତୁଳନକୁ ବି ବିଗାଡ଼ି ଦିଆଗଲା। ଅଥଚ ଏହି ନିର୍ମାଣ କାର୍ଯ୍ୟ ପାଇଁ ଜଳସଂପଦ ବିଭାଗ ଅଥବା ରେଳବାଇ ବିଭାଗଠାରୁ ଆପତ୍ତି ନଥିବା ପ୍ରମାଣପତ୍ର (ଏନ୍ଓସି) ଅଣାଗଲା ନାହିଁ। ଏଭଳି ବେଆଇନ କାର୍ଯ୍ୟକୁ ସରକାରୀସ୍ତରରେ ସୁରକ୍ଷା ଦିଆଗଲା। କିନ୍ତୁ ଖାନନଗର ରେଳ ପୋଲ



ନିକଟରେ ଏହି ସଂପ୍ରସାରିତ ରାସ୍ତା କେମିତି ଯିବ, ତାହାକୁ ନେଇ ବାସ୍ତବ ସମସ୍ୟା ଅନୁଭବ ହେଲା। ୨୦୨୪ରେ ରାଜ୍ୟରେ ସରକାର ବଦଳିଯିବା ପରେ ଜଳସଂପଦ ବିଭାଗ ଓ ରେଳ ବିଭାଗ ପକ୍ଷରୁ ଏହାର ବିରୋଧ କରାଗଲା।

ରେଳ ଲାଇନ ସଂପ୍ରସାରଣ ହେଲେ ଯେଉଁଠି ରେଳ ସେତୁ ନିର୍ମାଣ ହେବ, ସେ ସ୍ଥାନରେ ବି କାଠଯୋଡ଼ି ଭିତରେ ରାସ୍ତା ପାଇଁ ଖୁଣ୍ଟ ନିର୍ମାଣ ମୂଳଦୁଆ ପକାଇ ଦିଆଯାଇଥିଲା। ରେଳ ବିଭାଗର ବିରୋଧ ପରେ ଏବେ ସେଠାରେ ନିର୍ମାଣ ନକ୍ସାକୁ ବଦଳା ଯାଇଛି। ଯେତିକି ନିର୍ମାଣ ହୋଇଥିଲା, ତାହାକୁ ଭାଙ୍ଗି ପୋତା ଯାଉଛି। ପରିବର୍ତ୍ତିତ ନକ୍ସା ପ୍ରସ୍ତୁତ କରି ରେଳ ବିଭାଗ ଓ ଜଳସଂପଦ ବିଭାଗର ଅନୁମତି ଲୋଡ଼ା ଯାଇଛି। ତଥାପି ଦୁଇଟି ବିଭାଗ ଏଯାଏଁ ଏନ୍ଓସି ଦେଇ ନାହାନ୍ତି। କିନ୍ତୁ ଏହି ଭଙ୍ଗାଗଢ଼ା ଓ ନକ୍ସା ପରିବର୍ତ୍ତନରେ ପ୍ରକଳ୍ପ ଶେଷ ହେବା ସମୟ ଗଡ଼ି ଚାଲିଛି। ଖାନନଗର ରେଳ ପୋଲର ୫ ମିଟର ତଳେ ଏବଂ ନଦୀ ପତ୍ତନରୁ ୨୪.୫୦ ମିଟର ଉପରେ ଏବେ କାଠଯୋଡ଼ି ଭିତରେ ପୋଲ ନିର୍ମାଣ ଯୋଜନା ରହିଛି। ଅଶୀ ଦଶକରେ ହୋଇଥିବା ବଡ଼ ବନ୍ୟାର ଜଳପତ୍ତନକୁ ନଜରରେ ରଖି ଏହି ନିର୍ମାଣ କରାଯାଉଛି। ଧରି ନିଆଯାଇଛି ଯେ କାଠଯୋଡ଼ିରେ ଆଗକୁ ଆଉ ସେହି ପତ୍ତନରୁ ବନ୍ୟା ଜଳ ଅଧିକ ଆସିବ ନାହିଁ। କିନ୍ତୁ ସବୁ ସରକାରୀ ବିଧିବ୍ୟବସ୍ଥା, ପରିବେଶ ନିୟମକୁ ମାଡ଼ିମକଚି ଚାଲିଥିବା ପ୍ରକଳ୍ପରୁ କଟକ ସହରବାସୀ ଉପକୃତ ହେବା ପାଇଁ ଆଉ କେତେ ବର୍ଷ ଅପେକ୍ଷା କରିବେ, ତାହାକୁ ନେଇ ପ୍ରଶ୍ନ ଉଠିଛି।

### ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

# ହିତାଧିକାରୀଙ୍କୁ ମିଳିବ ଅଧିକ ୫ କିଲୋ ଚାଉଳ

ଭୁବନେଶ୍ୱର: ରାଜ୍ୟର ରାସନ କାର୍ଡଧାରୀଙ୍କୁ ଏଣିକି ମାସକୁ ମୁଣ୍ଡ ପିଛା ଅତିରିକ୍ତ ୫ କେଜି ଚାଉଳ ମିଳିବ। ଏଥିପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ କରିଛନ୍ତି। ଏଥିରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ୯୭,୯୭,୫୭୨ ପରିବାରର ୩,୨୨,୮୯,୬୯୨ ଜଣ ସଦସ୍ୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ୨,୯୮,୭୨୫ ପରିବାରର ୫,୬୨,୭୩୭ ଜଣ ସଦସ୍ୟ ଉପକୃତ ହେବେ। ଏହିପରି ସମୁଦାୟ ୧ କୋଟି ୯୬ ହଜାର ୨୯୭ ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ୪୨୯ ଜଣ ହିତାଧିକାରୀ ଏଣିକି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ସୁବିଧା ପାଇବେ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଏହି ନୂଆ ଯୋଜନାକୁ ଅନୁମୋଦନ ମିଳିଛି। ଶନିବାର ସନ୍ଧ୍ୟାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୩ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଆଜିର ବୈଠକକୁ ୧୩ଟି ବିଭାଗର ୧୯ଟି ପ୍ରସ୍ତାବ ଆସିଥିବାବେଳେ ଏହା ଉପରେ ଦୀର୍ଘ ୪ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା ହୋଇଥିଲା। ୧୬ଟି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଥିବାବେଳେ ବାକି ୩ଟି ପ୍ରସ୍ତାବକୁ ଫେରାଇ ଦିଆଯାଇଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ପାଇଁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ ହୋଇଛି। ଏହି ଯୋଜନାରେ ମାସିକ ହାରାହାରି ୧.୬୪ ଲକ୍ଷ ମେଟ୍ରିକ୍ ଟନ୍ ହିସାବରେ ବାର୍ଷିକ ହାରାହାରି ୧୯.୭୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ପିଡିଏସ୍ କେନ୍ଦ୍ର ମାଧ୍ୟମରେ ବଣ୍ଟାଯିବ। ଏହି ବାବଦରେ ଆକଳନ କରାଯାଇଥିବା ମାସିକ ଖର୍ଚ୍ଚ ହାରାହାରି ୭୩୪ କୋଟି ଟଙ୍କା ହାରରେ ବର୍ଷକୁ ୮,୮୧୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ରାଜ୍ୟ ସରକାର ପୂର୍ବରୁ ଉଚ୍ଚଶିକ୍ଷାରେ ଏସ୍‌ଟି, ଏସ୍‌ସି ଓ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିବାବେଳେ ଚଳିତ ଶିକ୍ଷା ବର୍ଷରୁ ରାଜ୍ୟର ମେଡିକାଲ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ଦେବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି।




ଏଥିରେ ରାଜ୍ୟର ଅନୁସୂଚିତ ଜନଜାତିଙ୍କୁ ୨୨.୫୦%, ଅନୁସୂଚିତ ଜାତିଙ୍କୁ ୧୬.୨୫% ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀଙ୍କୁ ୧୧.୨୫% ସଂରକ୍ଷଣ ମିଳିବ। ଆଜି ରାଜ୍ୟ କ୍ୟାବିନେଟ୍ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଏହି ସଂରକ୍ଷଣ ରାଜ୍ୟର ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ଗୁଡ଼ିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିୟରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରି, ଡେଣ୍ଟାଲ୍, ନର୍ସିଂ, ଫାର୍ମାସି, ଆନୁଷଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ୍ ସାଇନସ୍‌ସ୍, ଆର୍କିଟେକ୍‌ଚର୍, ପ୍ଲାନିଙ୍ଗ୍, ସିନେମାଟିକ୍ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ। ଏହା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ବିଜ୍ଞପ୍ତି ପ୍ରକାଶିତ ଅନ୍ୟ ଯେକୌଣସି ପାଠ୍ୟକ୍ରମମାନଙ୍କରେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ସାର୍ଟିଫିକେଟ୍, ଡିପ୍ଲୋମା ଏବଂ ଡିଗ୍ରି ପ୍ରଦାନ କରାଯାଉଥିବା କ୍ଷେତ୍ରରେ ମଧ୍ୟ ଏହି ନୂତନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨%ରୁ ଅଧିକ ଥିଲେ ମଧ୍ୟ ଦୀର୍ଘଦିନ ଧରି ରାଜ୍ୟର ବୈଷୟିକ, ବୃତ୍ତିଗତ, ମେଡିକାଲ ଓ ଆନୁଷଙ୍ଗିକ ପାଠ୍ୟକ୍ରମରେ ସେମାନଙ୍କ ପାଇଁ ସଂରକ୍ଷଣ ମାତ୍ର ୧୨% ଥିଲା। ସେହିପରି ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭%ରୁ ଅଧିକ ଥିଲେ ମଧ୍ୟ ସେମାନଙ୍କ ପାଇଁ ମାତ୍ର ୮% ସଂରକ୍ଷଣ ଥିଲା। ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିଲା। ସାମାଜିକ ନ୍ୟାୟ ପ୍ରଦାନ ଓ ସଶକ୍ତୀକରଣ କ୍ଷେତ୍ରରେ ଏହି ପାର୍ଥକ୍ୟ ସମସ୍ୟା ସୃଷ୍ଟି କରୁଥିଲା। ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ମୁଖ୍ୟସ୍ରୋତରୁ ବାହାରେ ଥିବା ଏହି ବର୍ଗର ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ଅଧିକାରର ସୁରକ୍ଷା ପାଇଁ ଅନେକ ଆନ୍ଦୋଳନ, ଦାବି ଓ ସଚେତନତା ସୃଷ୍ଟି ହୋଇଥିଲେ ମଧ୍ୟ ତାଙ୍କର ସଂଖ୍ୟା ଅନୁପାତରେ ସଂରକ୍ଷଣ ପାଇଁ କୌଣସି ସରକାର ପଦକ୍ଷେପ ନେଇ ନଥିଲେ। ଆମେ ଏସ୍‌ଟି, ଏସ୍‌ସି ଓ ପଛୁଆବର୍ଗ ପିଲାମାନଙ୍କର ଶିକ୍ଷାଗତ ଅଧିକାର ଓ ସଶକ୍ତୀକରଣ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରିଥିବାରୁ ଖୁସି ଲାଗୁଛି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମର ଏହି ପଦକ୍ଷେପ ଏକ ବଳିଷ୍ଠ ମାଧ୍ୟମ ହେବ। ସୂଚନାଯୋଗ୍ୟ, ସ୍ନାତକ ଓ ସ୍ନାତକୋତ୍ତରକୁ ମିଶାଇ ରାଜ୍ୟର ସମୁଦାୟ ମେଡିକାଲ ସିଟ୍ ସଂଖ୍ୟା ୨୪୨୧। ଏହି ନୂତନ ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେବା ପରେ ଏଥିମଧ୍ୟରୁ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ପାଇଁ ସିଟ୍ ସଂଖ୍ୟା ୨୯୦ରୁ ବୃଦ୍ଧି ପାଇ ୫୪୪ରେ ପହଞ୍ଚିବ। ଅନୁସୂଚିତ ଜାତି (ଏସ୍‌ସିଙ୍କ)ଙ୍କ ପାଇଁ ସିଟ୍ ସଂଖ୍ୟା ୧୯୩ରୁ ବୃଦ୍ଧି ପାଇ ୩୯୨ ହେବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସ୍‌ଇବିସି) ଛାତ୍ରଛାତ୍ରୀମାନଙ୍କ ପାଇଁ ୨୭୧ଟି ସିଟ୍ ସଂରକ୍ଷିତ ରହିବ। ପୂର୍ବରୁ ଏହି ସଂଖ୍ୟା ଶୂନ ଥିଲା। ସେହିଭଳି ରାଜ୍ୟରେ ସମୁଦାୟ ଇଞ୍ଜିନିୟରିଂ ସିଟ୍ ସଂଖ୍ୟା ୪୪,୫୭୯ ମଧ୍ୟରୁ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ପାଇଁ ଆସନ ସଂଖ୍ୟା ୫,୩୪୯ରୁ ବୃଦ୍ଧି ପାଇ ୧୦,୦୩୦ ହେବ। ଅନୁସୂଚିତ ଜାତି (ଏସ୍‌ସି)ଙ୍କ ପାଇଁ ଆସନ ସଂଖ୍ୟା ୩,୫୬୬ରୁ ୭,୨୪୪କୁ ବୃଦ୍ଧି ପାଇବ। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସ୍‌ଇବିସି) ଛାତ୍ରଛାତ୍ରୀଙ୍କ ପାଇଁ ୫୦୧୫ଟି ସିଟ୍ ସଂରକ୍ଷିତ ରହିବ।

## ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ସର୍ବୋଚ୍ଚ ବିକାଶ ଖର୍ଚ୍ଚ ରେକର୍ଡ: ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାର ସହରାଞ୍ଚଳ ରୂପାନ୍ତରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ, ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଗତ ପାଞ୍ଚ ବର୍ଷ ମଧ୍ୟରେ ଏହାର ସର୍ବୋଚ୍ଚ ବିକାଶ ଖର୍ଚ୍ଚ ରେକର୍ଡ କରିଛି, ଯାହା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୮୫୭୫.୬୧ କୋଟି ଟଙ୍କାରେ ପହଞ୍ଚିଛି। ଏହା ୨୦୨୨-୨୩ରେ ୬୯୯୬.୯୨ କୋଟି ଟଙ୍କାରୁ ଏକ ସ୍ଥିର ଏବଂ ଉତ୍ସାହଜନକ ବୃଦ୍ଧିକୁ ଚିହ୍ନିତ କରେ, ଯାହା ସମଗ୍ର ରାଜ୍ୟରେ ସହରାଞ୍ଚଳ ଭିତ୍ତିଭୂମି ଏବଂ ନାଗରିକ ସେବାକୁ ସୁଦୃଢ଼ କରିବା ପାଇଁ ଏକ ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଏ।



ଏହି ଉଲ୍ଲେଖନୀୟ ସଫଳତା 'ଟିମ୍ ଅର୍ବନ୍"ର ସମନ୍ୱିତ ପ୍ରୟାସର ପରିଣାମ, ଯାହା ମାନ୍ୟବର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦୃଢ଼ ନୀତିଗତ ନେତୃତ୍ୱରେ ପ୍ରେରିତ। ତାଙ୍କର ଫଳାଧାରିତ ପ୍ରଶାସନ ଓ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ ବିଭାଗକୁ ସ୍ପଷ୍ଟ ଦିଗନିର୍ଦ୍ଦେଶ ଯୋଗାଇଛି। ଏହା ସାଙ୍ଗକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସୁଦୃଢ଼ ପ୍ରଶାସନିକ ନେତୃତ୍ୱ, କଟକଣା ନିରୀକ୍ଷଣ ଓ କାର୍ଯ୍ୟନିଷ୍ପାଦନମୂଳକ ଆଭିଗମ ବିଭାଗୀୟ ପ୍ରାଥମିକତାମାନଙ୍କୁ ଭୂମିସ୍ତରରେ ପ୍ରତ୍ୟକ୍ଷ ଫଳାଫଳରେ ପରିଣତ କରିବାରେ ସଫଳ ହୋଇଛି। ବିଭାଗ ଆର୍ଥିକ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନ କରି ସାମଗ୍ରିକ ଉପଯୋଗ ହାର ୮୬.୫୦% ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୭୩.୪୭% ଠାରୁ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ବଜେଟ୍ ଆବଣ୍ଟନକୁ ପ୍ରଭାବଶାଳୀ ଢଙ୍ଗରେ ବାସ୍ତବ ଫଳାଫଳରେ ପରିଣତ କରିବା ଦିଗରେ ଏହା ଏକ ସ୍ପଷ୍ଟ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଏହି ପ୍ରଦର୍ଶନର ଏକ ପ୍ରମୁଖ ବାହକ ହେଉଛି ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ଉଲ୍ଲେଖନୀୟ ଅଗ୍ରଗତି। ଏହି ଯୋଜନାଗୁଡ଼ିକ ଅଧୀନରେ ଖର୍ଚ୍ଚ ୨୦୨୨-୨୩ରେ ୨୬୭୬. ୧୫ କୋଟି ଟଙ୍କାରୁ ଚଳିତ ଆର୍ଥିକ ବର୍ଷରେ ୪୨୮୫.୪୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହାର ପ୍ରଭାବଶାଳୀ ଉପଯୋଗ ହାର ୯୮.୧୮% ରହିଛି। ବିଗତବର୍ଷ ଯାହାକି ୯୨.୮୨% ଥିଲା। ଏହି ବୃଦ୍ଧି ବିଭାଗର ଆଭ୍ୟନ୍ତରୀଣ ପ୍ରକଳ୍ପ କାର୍ଯ୍ୟକାରିତା ବ୍ୟବସ୍ଥାର ବଢୁଥିବା ଶକ୍ତିକୁ ଆଲୋକିତ କରେ, ଯାହା ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ନିରନ୍ତର ସମୀକ୍ଷା ଏବଂ ମାର୍ଗଦର୍ଶନ ଦ୍ୱାରା ଆହୁରି ସୁଦୃଢ଼ ହୋଇପାରିଛି। ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ପାଣ୍ଠି ବଣ୍ଟନ କରିବାରେ ମଧ୍ୟ ବିଭାଗ ଅନୁକରଣୀୟ ପ୍ରଦର୍ଶନ କରିଛି। ରାଜ୍ୟ ଅର୍ଥ ଆୟୋଗଙ୍କ ଆବଣ୍ଟନ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ୯୯.୭୦ % ସମୁଦାୟ ଉପଯୋଗ ହାସଲ କରିଛି, ଯାହା୧୪୮୯.୫୧ କୋଟି ଟଙ୍କା ଅଟେ। ଯାହା ସୁନିଶ୍ଚିତ କରେ ଯେ ଅତ୍ୟାବଶ୍ୟକ ସହରାଞ୍ଚଳ ସେବା ଯୋଗାଇବା ପାଇଁ ସ୍ଥାନୀୟ ସଂସ୍ଥାଗୁଡ଼ିକ ପର୍ଯ୍ୟାପ୍ତ ସଶକ୍ତ ଅଟନ୍ତି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବିଭାଗ ଦୃଢ଼ ପୁନରୁଦ୍ଧାର ପ୍ରଦର୍ଶନ କରିଛି, ଯେଉଁଥିରେ ଖର୍ଚ୍ଚ ପୂର୍ବ ବର୍ଷ ୫୯୫.୯୫ କୋଟି ଟଙ୍କା ତୁଳନାରେ ୧୧୪୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ଓଡ଼ିଶାର ସହରାଞ୍ଚଳ ବିକାଶ ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ କେନ୍ଦ୍ରୀୟ ଭାଗିଦାରୀର ଲାଭ ଉଠାଇବା ଦିଗରେ ନୂତନ ଗତିକୁ ସୂଚାଇଥାଏ।

## ପୁରୀ ବିମାନବନ୍ଦର: ଜଙ୍ଗଲ ଜମିରେ ମିଳିଲା ନିର୍ମାଣ ସ୍ୱୀକୃତି

ପୁରୀ: ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ଆଉ ପାଦେ ଆଗେଇଛି। ୨୭.୮୮୭ ହେକ୍ଟର ଜଙ୍ଗଲ ଜମିରେ ବିମାନବନ୍ଦର ନିର୍ମାଣ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟ (ଷ୍ଟେଜ୍-୧) ଅନୁମତି ମିଳିଛି। ଏଥିରେ ଏକାଧିକ ସର୍ତ୍ତ ରହିଛି। ସର୍ତ୍ତ ପୂରଣ ହେବା ପରେ ଶେଷ ପର୍ଯ୍ୟାୟ ନିର୍ମାଣ ଅନୁମତି ମିଳିବ ଏବଂ ବିମାନବନ୍ଦର ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେବ। ପ୍ରାଥମିକ ପର୍ଯ୍ୟାୟ ଅନୁମତି ପାଇଁ ରହିଥିବା ସର୍ତ୍ତ ମଧ୍ୟରେ ଏଠାରୁ ଯେତିକି ଗଛ କାଟିବେ ଅନ୍ୟତ୍ର ୧୦ ଗୁଣା ଗଛ ଆଗୁଆ ଲଗାଇବା ପ୍ରମୁଖ ରହିଛି। ଏଥିପାଇଁ ଜମି ଖୋଜା ଆରମ୍ଭ ହୋଇଛି। ଜମି ମିଳିଗଲେ ଗଛ ଲଗାଯିବ। ଦ୍ୱିତୀୟଟି ହେଉଛି ଜମି ଅଧିଗ୍ରହଣ। ଏବେ ସର୍ଭେ ପରେ ଆପତ୍ତି ପ୍ରସ୍ତାବ ଆହ୍ୱାନ କରାଯାଇଛି। ଆପତ୍ତିଗୁଡ଼ିକ ଆସିବା ପରେ ସେ ସବୁର ସମାଧାନ କରାଯିବ। ତା' ପରେ ଯାଇ କ୍ଷତିପୂରଣ ପ୍ରଦାନ କରାଯାଇ ଜମି ଅଧିଗ୍ରହଣ ହେବ। ଏ ସବୁ ସର୍ତ୍ତ ପୂରଣ ହେବା ପରେ ନିର୍ମାଣ ଆରମ୍ଭ ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଏହି ଜମିରେ ବିମାନବନ୍ଦର ନିର୍ମାଣ ପାଇଁ ଯୋଜନା ହେବା ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲା। ଏ ନେଇ ଗଠିତ ଉପଦେଷ୍ଟା କମିଟି(ଏସି) ବିଚାର କରିବା ପରେ ସର୍ତ୍ତମୂଳକ ପ୍ରାଥମିକ ପର୍ଯ୍ୟାୟ ଅନୁମତି ଦେଇଛି। ବିମାନବନ୍ଦର ସହ ପୁରୀକୁ ସଂଯୋଗ କରିବାକୁ ଷ୍ଟର୍ଲିଂ ରିସୋର୍ଟସ୍ ନିକଟରେ ମଙ୍ଗଳା ନଦୀ ଉପରେ ପୋଲି ନିର୍ମାଣ ସରିଥିବା ବେଳେ ଏବେ ଆପ୍ରୋଚ୍ ରୋଡ୍ ନିର୍ମାଣ ହେଉଛି। ଖୁବ୍‌ଶୀଘ୍ର ଏହା ବ୍ୟବହାର ଉପଯୋଗୀ ହେବ। ଏହି ବିମାନବନ୍ଦର କଡ଼କୁ ଲାଗି ଶାମୁକା ପ୍ରକଳ୍ପ ନିର୍ମାଣ ହେବାକୁ ସରକାର ସ୍ଥିର କରିଛନ୍ତି। ଏଣୁ ଉଭୟ ପ୍ରକଳ୍ପ ପାଇଁ ପୁରୀକୁ ଏହି ପୋଲ ସିଧାସଳଖ ସଂଯୋଗ କରିବ। ଏହା ଛଡ଼ା




ଏହି ଅଞ୍ଚଳରେ କେତେକ ରାସ୍ତା ନିର୍ମାଣ କରିବାକୁ ଯୋଜନା ରହିଛି। କେତେକ ରାସ୍ତା ମଧ୍ୟ ଚଉଡ଼ା ହେବାକୁ ଯୋଜନା ରହିଛି। ପିକେଡିଏ ଏ ସବୁର ନକ୍ସା ପ୍ରସ୍ତୁତ କରୁଛି। ଏହାକୁ ସ୍ୱତନ୍ତ୍ର ବିମାନବନ୍ଦର ଜୋନ୍ କରି ବିକାଶ ମୂଳକ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଥିବା ବେଳେ କଂଗ୍ରେସ ଏହାକୁ ବିରୋଧ କରିଛି। ସ୍ଥାନୀୟ ସଂଗଠନ ମଧ୍ୟ ବିରୋଧ କରିଛନ୍ତି। ୨୦୨୩ ସେପ୍ଟେମ୍ବରରେ ଗ୍ରିନ୍‌ଫିଲ୍ଡ ଏୟାରପୋର୍ଟ ଭାବରେ ସିଭିଲ୍ ଆଭିଏସନ ମନ୍ତ୍ରାଳୟ 'ସାଇଟ୍ କ୍ଲିୟରାନ୍ସ' ଦେବା ପରେ ପୁରୀରେ ବିମାନବନ୍ଦର ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ରିଜିଓନାଲ୍ ଏମ୍ପାୱାର୍ଡ୍ କମିଟି(ଆର୍‌ଇସି) ଷ୍ଟେଜ୍-୧ ଫରେଷ୍ଟ କ୍ଲିୟରାନ୍ସ ଦେଇ ସାରିଥିଲା। କିନ୍ତୁ ପରିବେଶ ଉପରେ ପ୍ରଭାବ ପଡ଼ିବା ନେଇ ଅଭିଯୋଗ ହେବାପରେ କେନ୍ଦ୍ର ସରକାର ଦୁଇଟି ସଂସ୍ଥାଙ୍କୁ ସର୍ଭେ କରି ରିପୋର୍ଟ ଦେବାପାଇଁ କହିଥିଲେ। ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଓ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ସଂସ୍ଥାର ସ୍ୱୀକୃତିପ୍ରାପ୍ତ ଅଧିକାରୀମାନେ ସର୍ଭେ କରୁଛନ୍ତି। ଚଳିତ ମାସ ଶେଷସୁଦ୍ଧା ଏହି ସର୍ଭେ ରିପୋର୍ଟ ଆସିବ। ଏହି ରିପୋର୍ଟ ହସ୍ତଗତ ହେବା ପରେ ବିମାନବନ୍ଦର ପ୍ରତିଷ୍ଠା ଆଶା ଉଜ୍ଜ୍ୱଳ ହେବ।



# କାନ୍ଦୁଛି ଗଛ

•ମୋନାଲିସା ଦାସ

ବୟସର ଅତିକ୍ରାନ୍ତ ପରେ ମଣିଷ ଯେମିତି କାନ୍ଦିବାକୁ ଲାଗେ । ଠିକ୍ ସେହିଭଳି ଗଛ ମଧ୍ୟ କାନ୍ଦେ । ତଫାତ୍ ଏତିକି ଯେ, ମଣିଷର ଲୁହ ଦେଖିହୁଏ । ହେଲେ ଗଛର ଲୁହକୁ ଦେଖି ହୁଏନାହିଁ । ମଣିଷ ଭଳି ଗଛର ବି ମଧ୍ୟ ବଞ୍ଚିବାର ଅଧିକାର ଅଛି । କିନ୍ତୁ ଗଛଟିଏ ବଞ୍ଚାଇବା ପାଇଁ ଅନେକ କଷ୍ଟ କରିବାକୁ ପଡିବ । କେବଳ ଯେ, ବୃକ୍ଷ ରୋପଣ କରି ଗୋଟିଏ ଦିନ ପାଣି ଦେଇ ଯତ୍ନ କରିବା ତାହା ନୁହେଁ । ପିଲାଟି ଜନ୍ମ ହେବା ପରେ ଯେମିତି ଲାଳନ ପାଳନ କରାଯାଏ । ଗଛକୁ ସେହିଭଳି ଭାବରେ ରକ୍ଷଣା ବେକ୍ଷଣ କରିବାକୁ ପଡିବ । ଦେଶରେ ବର୍ତ୍ତମାନ ସମୟରେ ସବୁଜିମା ବୃକ୍ଷରାଜି ଲୋପ ପାଇବାକୁ ବସିଲାଣି । ରାସ୍ତାଘାଟ, କଳକାରଖାନା ଭଳି ବିଭିନ୍ନ ଶିଳ୍ପ ଜଗତ କରିବା ଦ୍ୱାରା ବୃକ୍ଷରାଜି ଧ୍ୱଂସ ହେବାରେ ଲାଗିଲାଣି । ଯାହା ଫଳରେ କି ଅନେକ ପଶୁପକ୍ଷୀଙ୍କ ଠାରୁ ଆରମ୍ଭ କରି ଔଷଧୀୟ ବୃକ୍ଷ ସବୁ ଉଜୁଡି ଯାଉଛି । ଭାରତ ହେଉଛି ସବୁଜ ସୁନ୍ଦର ଭରା ଶୋଭାରାଜି ଦେଶ । ଭାରତ ମାଟିରେ ଜନ୍ମ ଗ୍ରହଣ କରି ଆମେ ଗର୍ବିତ ଯେ, ଏ ସବୁଜିମା ଆମ ପରିବେଶକୁ କିଭଳି ଭାବରେ ସୌନ୍ଦର୍ଯ୍ୟ କରୁଛି ।

କେରଳ, ଆନ୍ଧ୍ରପ୍ରଦେଶ ରାଜ୍ୟରେ ଗଛକୁ ଯତ୍ନର ସହକାରେ ଯେଉଁଭଳି ଭାବରେ ରକ୍ଷଣା ବେକ୍ଷଣ କରାଯାଉଛି । ତାହା ଆଗାମୀ ପିଢୀ ପାଇଁ ଏକ ସବୁଜ ସଙ୍କେତ । ଭାରତର ବିଭିନ୍ନ ରାଜ୍ୟ କଥା ଯଦି ଆଲୋଚନାର ପରିସରକୁ ଆଣିବା ତେବେ ଓଡ଼ିଶା ହେଉଛି ଅନ୍ୟତମ । ଓଡ଼ିଶାକୁ ସବୁଜିମାରେ ବର୍ଣ୍ଣନା କରିବା ଏତେ ସହଜ କଥା ନୁହେଁ । ମାଟି ପାଣି ଭଳି ବୃକ୍ଷରାଜିରେ ପରିପୂର୍ଣ୍ଣ । ରାଜ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନଦୀ ଜଳ ନିଷ୍କାସିତ ହୁଏ, ଯେଉଁଥିରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା ଏବଂ ଋଷିକୂଲ୍ୟା ଅନ୍ତର୍ଭୁକ୍ତ। ରାଜ୍ୟରେ ୩୦ଟି ଜିଲ୍ଲା ଅଛି, ଯେଉଁଥିରେ ୧୨ଟି ଆଦିବାସୀ ଜିଲ୍ଲା। ୨୦୧୧ ଜନଗଣନା ଅନୁଯାୟୀ, ଓଡ଼ିଶାର ଜନସଂଖ୍ୟା ୪୧.୯୭ ନିୟୁତ ଯାହା ଭାରତର ଜନସଂଖ୍ୟାର ୩.୪୭% ପ୍ରତିଶତ। ଗ୍ରାମୀଣ ଏବଂ ସହରାଞ୍ଚଳ ଜନସଂଖ୍ୟା ଯଥାକ୍ରମେ ୮୩.୩୨% ଏବଂ ୧୬.୬୮%, ଯେତେବେଳେ ରାଜ୍ୟରେ ମୋଟ ଆଦିବାସୀ ଜନସଂଖ୍ୟା ୨୨.୮୫%। ରାଜ୍ୟର ଜନସଂଖ୍ୟା ଘନତା ପ୍ରତି ବର୍ଗ କିଲୋମିଟରରେ ୨୭୦, ଯାହା ଜାତୀୟ ହାରାହାରି ଠାରୁ କମ୍। ୨୦ତମ ପ୍ରାଣୀଧନ ଜନଗଣନା ୨୦୧୯ ରେ ରାଜ୍ୟରେ ମୋଟ ପଶୁପାଳନ ସଂଖ୍ୟା ୬୧.୦୧ ନିୟୁତ ବୋଲି ରିପୋର୍ଟ କରାଯାଇଛି।

ଓଡ଼ିଶାର ଜଙ୍ଗଲଗୁଡ଼ିକ ସୁସଜ୍ଜିତ, ବିବିଧ, ବହୁମହଲା ବିଶିଷ୍ଟ । ଓଡ଼ିଶାର ଜଙ୍ଗଲଗୁଡ଼ିକ ଚାରୋଟି ପ୍ରକାରର ଗୋଷ୍ଠୀରେ ଅନ୍ତର୍ଭୁକ୍ତ । ଯାହାକୁ ଆହୁରି ୧୯ ଟି ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଜାତୀୟ ଉଦ୍ୟାନ ଏବଂ ୧୯ ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ରାଜ୍ୟର ସଂରକ୍ଷିତ କ୍ଷେତ୍ର ନେଟୱାର୍କ ଗଠନ କରିଛି । ଯାହା ଏହାର ଭୌଗୋଳିକ କ୍ଷେତ୍ରର ୫.୩୬% ଆଚ୍ଛାଦିତ କରିଥାଏ। ଓଡ଼ିଶା ରାଜ୍ୟ ଉତ୍ତର-ପୂର୍ବରେ ପଶ୍ଚିମବଙ୍ଗ-ଉତ୍ତରରେ ଝାଡ଼ଖଣ୍ଡ, ପଶ୍ଚିମ ଏବଂ ଉତ୍ତର-ପଶ୍ଚିମରେ ଛତିଶଗଡ଼, ଦକ୍ଷିଣ-ପଶ୍ଚିମରେ ତେଲଙ୍ଗାନା - ଏବଂ ଦକ୍ଷିଣରେ ଆନ୍ଧ୍ର ପ୍ରଦେଶ ସଂଲଗ୍ନ ରାଜ୍ୟ ଦ୍ୱାରା ଘେରି ରହିଛି। ଏହାର ପୂର୍ବରେ ବଙ୍ଗୋପସାଗର ଦେଇ ପ୍ରାୟ ୪୮୦ କିଲୋମିଟରର ଏକ ଉପକୂଳ ରେଖା ଅଛି । ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ଅନେକ ନଦୀ ମୁହାଣ ସହିତ ବିସ୍ତୃତ କୁମାରୀ ବେଳାଭୂମି - ମାଙ୍ଗ୍ରୋଭ୍ ଏବଂ ସମ୍ପୃକ୍ତ ବନ୍ୟ ପ୍ରାଣୀ ସମେତ ଉପକୂଳୀୟ ଉଦ୍ଭିଦ ଅଛନ୍ତି । ତେଣୁ ବୃକ୍ଷ ରୋପଣ କରି ଆଗାମୀ ଦିନରେ ପରିବେଶକୁ ଉଜ୍ଜୀବିତ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

# ହନୁମାନ ଓ ଶ୍ରୀରାମଙ୍କ ଯୁଦ୍ଧ

ରାମାୟଣ ଯୁଗର କଥା । ଥରେ ସୁମେରୁ ପର୍ବତ ଉପରେ ଗୋଟିଏ ସାଧୁମେଳା ବସିଲା । ଏଥିରେ ଚାରି ଆଡୁ ସାଧୁ ସନ୍ଥ ଓ ମୁନି ଋଷି ମାନେ ଆସି ଯୋଗ ଦେଲେ । ଖବର ଯାଇ କୈବର୍ତ୍ତ ଦେଶର ରାଜା ସୁକନ୍ତଙ୍କ କର୍ଣ୍ଣରେ ଯେତେବେଳେ ବାଜିଲା ସେ ଅତି ଆନନ୍ଦରେ ସାଧୁ ମାନଙ୍କ ଆଶୀଷ ଲାଭ ଆଶାରେ ସାଧୁସଙ୍ଗମକୁ ବାହାରି ପଡିଲେ । ରାଜା ରାସ୍ତାରେ ଯାଉଛନ୍ତି ହଠାତ୍ ତାଙ୍କର ଭେଟହୋଇ ଗଲା ଦେବର୍ଷି ନାରଦଙ୍କ ସହ । ରାଜା ଦେବର୍ଷିଙ୍କୁ ପ୍ରଣାମକରି ତାଙ୍କ ଆଶୀର୍ବାଦ ନେଲେ ଏବଂ ସାଧୁ ସଙ୍ଗମକୁ ସୁମେରୁ ପର୍ବତ ଯାତ୍ରା କରୁଛନ୍ତି ବୋଲି ତାଙ୍କୁ କହିଲେ ।ରାଜାଙ୍କ କଥା ଶୁଣି ନାରଦ କହିଲେ, ବହୁତ୍ ଭଲ କଥା, ମନୁଷ୍ୟକୁ ସାଧୁସଙ୍ଗ କରିବା ଉଚିତ୍ । କିନ୍ତୁ ଗୋଟିଏ କଥା ମନେ ରଖିଥିବ,ସେଠାରେ ତୁମେ ଉପସ୍ଥିତ ସମସ୍ତ ସନ୍ଥ ମୁନିଋଷିଙ୍କୁ ପ୍ରଣାମକରିବ । ସେଠାରେ ମୁନି ବିଶ୍ୱାମିତ୍ର ନିଶ୍ଚୟ ଥିବେ । ତୁମେ ତାଙ୍କୁ ପ୍ରଣାମ କରିବ ନାହିଁ । ରାଜା ଖୁବ୍ ଆଶ୍ଚର୍ଯ୍ୟ ହୋଇ କହିଲେ, ଇଏ କି କଥା କହୁଛନ୍ତି ଆପଣ । ଏହା କଅଣ ଉଚିତ ହେବ । ନାରଦ କହିଲେ, ମୁଁ ଯାହା କହୁଛି ତୁମେ ତାହାହିଁ କରିବ, ତୁମେ ଜଣେ ରାଜା । ବିଶ୍ୱାମିତ୍ର ବି ରାଜା ଥିଲେ କ୍ଷ ରାଜା ହୋଇ ତୁମେ ଆଉଜଣେ ରାଜାକୁ କିପରି ପ୍ରଣାମକରିବ । ସୁକନ୍ତ ନାରଦଙ୍କ କଥା ଗ୍ରହଣ କଲେ ଏବଂ ତାଙ୍କୁ ପ୍ରଣାମ କରି ଆଗକୁ ଚାଲିଲେ । ରାଜା ସୁକନ୍ତ ଯାଇ ସୁମେରୁପର୍ବତ ସନ୍ଥ ସଭାରେ ପହଞ୍ଚି ଗଲେ ଓ ନାରଦ ଯେପରି କହିଥିଲେ ଠିକ ସେପରି କଲେ । ସଭା ଶେଷହେଲା । ଅପମାନିତ ବିଶ୍ୱାମିତ୍ର ଯାଇ ପ୍ରଭୁ ଶ୍ରୀରାମଙ୍କ ସହ ତାଙ୍କୁ କରା ଯାଇଥିବା କୃତ୍ୟ ବିଷୟରେ କଥା ହେଲେ । ରାମ କହିଲେ, ଏହା ତ, ଆମ ଗୁରୁ ପରମ୍ପରାର ଘୋର ଅପମାନ । ଆପଣ କୁହନ୍ତୁ କିଏ ଆପଣଙ୍କ ଏପରି ଅପମାନ କରିଛି । ଯେଉଁ ଶିର, ଆପଣଙ୍କ ଚରଣ ସ୍ପର୍ଶ କରିନାହିଁ, ମୁଁ ଅବିଳମ୍ବେ ତାହା କାଟି ଆଣିବି ।

ଓ ଆପଣଙ୍କ ଚରଣରେ ଭେଟି ଦେବି । ପ୍ରଭୁ ଶ୍ରୀରାମ, ଏଭଳି ଏକ ପ୍ରତିଜ୍ଞା କରିଛନ୍ତି ଶୁଣି ରାଜା ସୁକନ୍ତ ଖୁବ୍ ଭୟଭୀତ ହୋଇ ଗଲେ ଏବଂ ଦେବର୍ଷି ନାରଦଙ୍କୁ ଖୋଜିବାକୁ ଲାଗିଲେ । ଏପରି ଖୋଜିଖୋଜି ସେ ନାରଦଙ୍କ ପାଖରେ ପହଞ୍ଚି ଅତି ବିକଳ ହୋଇ କାନ୍ଦି କାନ୍ଦି କହିଲେ, ଏଥର ମୋର ମୃତ୍ୟୁ ସୁନିଶ୍ଚିନ୍ତ । ଆପଣ ମୋତେ ବଞ୍ଚାନ୍ତୁ । ରାଜାଙ୍କ ବିକଳ ଦେଖି ନାରଦ କହିଲେ, ବର୍ତ୍ତମାନ ତୁମେଯାଇ ମାତା ଅଞ୍ଜନାଙ୍କ ଶରଣ ପଶ । ଅଞ୍ଜନା ଯଦି ତୁମକୁ ବଞ୍ଚାଇବା ପ୍ରତିଜ୍ଞାକରିଦେବେ ତେବେ ତୁମର କେହି କିଛି କରି ପାରିବେ ନାହିଁ । ହଁ, ଆଉ ଗୋଟିଏ କଥା ମନେ ରଖ । ମୁଁ ତୁମକୁ ଅଞ୍ଜନାଙ୍କ ନିକଟକୁ ପଠାଇଛି ବୋଲି, ସେ ଯେମିତି ଜାଣି ନ ପାରନ୍ତି ଏଥିପ୍ରତି ଧ୍ୟାନଦେବ । ରାଜା ସୁକନ୍ତ ଯାଇ ଅଞ୍ଜନା ମାତାଙ୍କ ପାଖରେ ପହଞ୍ଚିଲେ । ତାଙ୍କୁ ସେ କାନ୍ଦି କାନ୍ଦି ସମସ୍ତ ଘଟଣା କହି କହିଲେ, ମୋତେ ଆପଣ ବଞ୍ଚାନ୍ତୁ ମାଆ । ତାଙ୍କୁ ସାନ୍ତ୍ୱନାଦେଇ ମାଆ କହିଲେ, ପୁତ୍ର ! ତୁମେ, ମୋ' ଶରଣରେ ଆସିଛ । ତୁମକୁ ମୁଁ ନିଶ୍ଚୟ ରକ୍ଷା କରିବି। ସନ୍ଧ୍ୟା ବେଳକୁ ଯେତେ ବେଳେ ହନୁମାନ ଫେରି ଆସିଲେ ମାତା ଅଞ୍ଜନା ତାଙ୍କୁ ସମସ୍ତ ଘଟଣା କହି କହିଲେ,ରାଜା ସୁକନ୍ତଙ୍କ ପ୍ରାଣ ଏବେ ସଙ୍କଟରେ । ସେ ମୋ ଶରଣରେ ଆସିଛନ୍ତି, ତାଙ୍କୁ ରକ୍ଷାକରିବା ଦାୟିତ୍ୱ ଆମର । ତୁ ତାଙ୍କୁ କିପରି ରକ୍ଷା କରାଯିବ ସେ ବ୍ୟବସ୍ଥା କରିନେ । ନହେଲେ ମୁନି ବିଶ୍ୱାମିତ୍ର ତାଙ୍କୁ ନିଶ୍ଚୟ ହତ୍ୟା କରିବେ । ହନୁମାନ ମାତାଙ୍କ କଥା ଶୁଣି କହିଲେ, ମୁଁ, ଆପଣଙ୍କ ଚରଣ ଛୁଇଁ ଓ ପ୍ରଭୁ ଶ୍ରୀରାମଙ୍କ ଚରଣ ଧ୍ୟାୟି ପ୍ରତିଜ୍ଞାକରୁଛି ରାଜା ସୁକନ୍ତଙ୍କୁ ମୁଁ ନିଶ୍ଚୟ ରକ୍ଷା କରିବି । ଅଞ୍ଜନାମାତା ରାଜାଙ୍କୁ ଡାକିଲେ । ହନୁମାନ ତାଙ୍କୁ ଦେଖି ପଚାରିଲେ, ଆପଣଙ୍କୁ କିଏ ମାରିବା ପାଇଁ ଚାହୁଁଛି । ସୁକନ୍ତ ଖୁବ୍ ଡରିଡରି କହିଲେ, ମୋତେ ସ୍ୱୟଂ ପ୍ରଭୁ ଶ୍ରୀରାମ ମାରିବେବୋଲି ପ୍ରତିଜ୍ଞାବଦ୍ଧ । ଏହା ଶୁଣି ହନୁମାନ ହଡ଼ ବଡ଼େଇ ଗଲେ । ରାଜା ସୁକନ୍ତଙ୍କୁ ତାଙ୍କ ରାଜ୍ୟରେ ପହଞ୍ଚାଇ ଦେଇ, ହନୁ ସିଧା ଚାଲିଲେ ଅଯୋଧ୍ୟାକୁ । ଅଯୋଧ୍ୟାରେ ପହଞ୍ଚି ସେ ପ୍ରଭୁଙ୍କୁ ସୁକନ୍ତଙ୍କୁ ନମାରିବା ପାଇଁ ଅନୁରୋଧ କଲେ । କିନ୍ତୁ ପ୍ରଭୁ ଶ୍ରୀରାମ କହିଲେ,ଏହା କିପରି ହେବ । ମୁଁ ଯେ ଗୁରୁଙ୍କ ନିକଟରେ ପ୍ରତିଜ୍ଞା ବଦ୍ଧ । ତହୁଁ ହନୁମାନ କହିଲେ, ମୁଁ ମଧ୍ୟ ଆପଣଙ୍କ ନାମ ନେଇ ମାଆଙ୍କ ନିକଟରେ ରାଜା ସୁକନ୍ତଙ୍କୁ ରକ୍ଷା କରିବି ବୋଲି ଶପଥକରିଛି କ୍ଷ ଶ୍ରୀରାମ କହିଲେ, ଠିକ୍ ଅଛି, ତୁମେ ତୁମର ସତ୍ୟ ପାଳନ କର, ମୁଁ ମୋ ସତ୍ୟ ପାଳନ କରୁଛି । ହନୁମାନ ରାଜା ସୁକନ୍ତଙ୍କୁ ନେଇ ଗୋଟିଏ ପର୍ବତ ଉପରେ ରାମ ମନ୍ତ୍ର ଦ୍ୱାରା ଘେରା ବାନ୍ଧି କରି ରଖି ନିଜେ ଖୁବ୍ ଉଚ୍ଚ ସ୍ୱରରେ ରାମ ନାମ ଜପିବାରେ ଲାଗିଲେ । ଶ୍ରୀରାମ ରାଜାଙ୍କୁ ଖୋଜିଖୋଜି ଯାଇ ପର୍ବତ ଉପରେ ପହଁଚିଲେ । ସେ ରାଜା ସୁକନ୍ତଙ୍କୁ ଯେତେ ବାଣ ମାରିଲେ ସବୁ ନିଷ୍ଫଳ ହୋଇଗଲା । କଅଣ କରାଯିବ ବୋଲି ପ୍ରଭୁ ଖୁବ୍ ଚିନ୍ତାରେ ପଡ଼ି ଗଲେ । ଲକ୍ଷ୍ମଣ ମନେକଲେ ବୋଧହୁଏ ହନୁମାନ ରାମଙ୍କୁ ବିବଶକରୁଛନ୍ତି । ଏହା ମନେକରି ଲକ୍ଷ୍ମଣ ହନୁମାନଙ୍କ ଉପରକୁ ବାଣ ଚଳାଇଲେ । ଏଥିରେ ହନୁମାନଙ୍କ କିଛି ହେଲା ନାହିଁ, ବରଂ ରାମ ସେହି ବାଣରେ ମୂର୍ଚ୍ଛିତହୋଇ ପଡ଼ିଲେ । କାରଣ ଶ୍ରୀରାମ ହନୁମାନଙ୍କ ହୃଦୟରେ ବାସ କରୁଥିଲେ । ପ୍ରଭୁ ଶ୍ରୀରାମଙ୍କର ଯେତେବେଳେ ଚେତା ଆସିଲା ସେ ସଙ୍ଗେ ସଙ୍ଗେ ହନୁମାନଙ୍କ ନିକଟକୁ ଦୋଉଡ଼ି ଯାଇ ଶ୍ରଦ୍ଧାରେ ତାଙ୍କ ଶିରଆଉଁଶିବାକୁ ଲାଗିଲେ । ଏହି ସମୟରେ ହନୁମାନ ଚୁପ୍ କରି ପଛ ପଟରୁ ରାଜା ସୁକନ୍ତଙ୍କୁ ନେଇ ଆସି ନିଜ କୋଳରେ ଧରି ନେଲେ । ରାମ ଦେଖନ୍ତିତ ହନୁମାନଙ୍କ ପରିବର୍ତ୍ତେ ସେ ସୁକନ୍ତଙ୍କ ଶିରରେ ହାତ ରଖିଛନ୍ତି । ହନୁମାନ ହସି ହସି କହିଲେ, ପ୍ରଭୁ ! ଏହି ହେଉଛନ୍ତି ସେହି ରାଜା ସୁକନ୍ତ । ତାଙ୍କ ଶିରରେ ଆପଣ ହାତ ରଖି ସାରିଲେଣି । ଆଉ କ'ଣ ତାଙ୍କୁ ଆପଣ ମାରିବେ । ଏବେ ତାଙ୍କୁ ଆପଣ ରକ୍ଷା କରନ୍ତୁ । ପ୍ରଭୁ ଶ୍ରୀରାମ ଖୁବ୍ ଚିନ୍ତିତ ହୋଇ ପଡ଼ିଲେ । ମୋ ପ୍ରତିଜ୍ଞା ତ ମୁଁ ପୂରଣ କରି ପାରିଲି ନାହିଁ । ଗୁରୁଙ୍କୁ ଏବେ ଯାଇ କଅଣ କହିବି । ଏହିସମୟରେ ଗୁରୁ ବିଶ୍ୱାମିତ୍ର ଆସି ସେଠାରେ ପହଞ୍ଚି ଯାଇ କହିଲେ, ରାମ ! ମୁଁ ତୁମ ବଚନବଦ୍ଧତାରେ ତୃପ୍ତ ହୋଇଛି । ତୁମେ ଆଉ ରାଜା ସୁକନ୍ତଙ୍କୁ ମାରିବାକୁ ପ୍ରୟାସୀ ହୁଅ ନାହିଁ । ମୁଁ ତାଙ୍କୁ କ୍ଷମା କରି ଦେଉଛି । ରାଜା ସୁକନ୍ତଙ୍କୁ ସେ କହିଲେ, ହେ ରାଜା ! ଆସ ତୁମେ ସେତେବେଳେ ପ୍ରଣାମ ନକଲ ତ କଅଣ ହେଲା । ଏବେ ପ୍ରଣାମ କରି ନିଅ । ସୁକନ୍ତ ଯାଇ ମହାମୁନି ବିଶ୍ୱାମିତ୍ରଙ୍କୁ ପ୍ରଣାମ କଲେ । ସେମାନଙ୍କ ମଧ୍ୟରେ କଥୋପକଥନ ଚାଲିଛି ଏହି ସମୟରେ ସେଠାରେ ଆସି ପହଁଚିଲେ, ନାରଦ । ସେ ବିଶ୍ୱାମିତ୍ରଙ୍କୁ ସମସ୍ତ ଘଟଣା କହିଲେ । ତୁମେ ଏପରି ଉପଦେଶ କାହିଁକି ରାଜା ସୁକନ୍ତଙ୍କୁ ଦେଲ ବୋଲି ପଚରା ଯିବାରୁ, ଦେବର୍ଷି କହିଲେ, ମୁଁ ତ ପ୍ରଭୁଙ୍କ ନାମର ମହିମା ପ୍ରଚାର ଚାହୁଁଥିଲି । ତେଣୁ ମୁଁ ଭାବିଲି, ଏହି ମର୍ମରେ ପ୍ରଭୁଙ୍କ ଗୋଟିଏ ଲୀଳା ହୋଇଯାଉ । ନାରଦଙ୍କ କଥା ଶୁଣି ସମସ୍ତେ ଖୁସି ହେଲେ । ନାରଦ ତାଙ୍କ ବୀଣା ଝଙ୍କୃତ କରି ରାମ ନାମ କୀର୍ତ୍ତନ କରି ବ୍ରହ୍ମଲୋକ ଯାତ୍ରା କଲେ ।

# ଭାରତୀୟ ସଂସ୍କୃତିକୁ ଆପଣେଇବାକୁ ପଡିବ

ଭାରତର ସଭ୍ୟତା, ତା'ର ସଂସ୍କୃତିରେ ସନାତନୀ ବା ସନାତନ ଧର୍ମର ପ୍ରଭାବକୁ ବିଶ୍ଳେଷଣ କରିବାକୁ ବିଶ୍ୱର ଅନେକ ଦାର୍ଶନିକ, ଧର୍ମଯାଜକଙ୍କ ସହିତ ପରିବ୍ରାଜକମାନେ ତତ୍ପର ହୋଇଉଠନ୍ତି । ଭାରତୀୟମାନଙ୍କର ଧର୍ମଧାରଣା ସହିତ ଯୌଥ ପରିବାର, ଖାଦ୍ୟପେୟଠାରୁ ଆରମ୍ଭ କରି ଶିକ୍ଷା ପଦ୍ଧତିରେ ସ୍ଥାନ ପାଇଥିବା ବୈଦିକ ଶାସ୍ତ୍ର, ଗଣିତ ଶାସ୍ତ୍ର, ଜ୍ୟୋତିବିଜ୍ଞାନ ମାଧ୍ୟମରେ ଗ୍ରହ ନକ୍ଷତ୍ରର ଚଳନ, ପାଣିପାଗର ଆକଳନ, ଆୟୁର୍ବେଦ ମାଧ୍ୟମରେ ଚିକିତ୍ସା ସହିତ ଏବେ ଯୋଡ଼ି ହୋଇଯାଇଛି ଯୋଗ ଶିକ୍ଷା । ଉକ୍ତ ଶିକ୍ଷା ମଣିଷକୁ ଯେ କେବଳ ସୁସ୍ଥ ରଖିବାରେ ସାହାଯ୍ୟ କରେ, ତାହା ନୁହେଁ ବରଂ ଅଧିକ ଦକ୍ଷତା ସହିତ ଶୃଙ୍ଖଳିତ ତଥା ସଂସ୍କାରିତ ଜୀବନକୁ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଖୁସିର କଥା ହେଲା, ଏବେ ପୃଥିବୀର ଅଧିକାଂଶ ଦେଶ ଯୋଗ ଶିକ୍ଷାକୁ କିଛି ମାତ୍ରାରେ ଆପଣେଇ ନେଲେଣି । ସେମାନେ ଯୋଗକୁ ମାନସିକ ଶକ୍ତି ସହିତ ବୌଦ୍ଧିକ ଶକ୍ତି ବିକାଶର ଏକ ବଳିଷ୍ଠ ମାଧ୍ୟମ ବୋଲି ସ୍ଥିର କରି ଭାରତୀୟ ସଂସ୍କୃତିକୁ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କଲେଣି । ଇତିହାସରୁ ଜଣାଯାଏ ଯେ, ଭାରତବର୍ଷ ଉପରେ ଘନଘନ ଆକ୍ରମଣ ସହିତ ତାହାର ପୋଥି ପୁରାଣକୁ ନଷ୍ଟ କରିବାର ପ୍ରୟାସରେ ବ୍ରତୀ ବିଧର୍ମୀମାନେ ନିଜର ପରାକ୍ରମ ବଳରେ ନାଳନ୍ଦା ଭଳି ପୃଥିବୀ ବିଖ୍ୟାତ ବିଶ୍ୱବିଦ୍ୟାଳୟର ପାଠାଗାରରେ ଗଚ୍ଛିତ ଥିବା ଅନେକ ଉପାଦେୟ ଗ୍ରନ୍ଥାବଳୀକୁ ଜାଳି ପୋଡ଼ି ଛାରଖାର କରିଦେଲେ । ଉଦ୍ଦେଶ୍ୟ ଥିଲା, ହିନ୍ଦୁ ଧର୍ମାବଲମ୍ବୀମାନେ ଦିବ୍ୟଜ୍ଞାନ ରହିତ ହୋଇ ଆସୁରିକ ପ୍ରବୃତ୍ତିକୁ ଆପଣେଇବାକୁ ବାଧ୍ୟ ହେବେ କିମ୍ବା ମନୁଷ୍ୟରୂପୀ ପଶୁ ଭଳି ଆଚରଣକୁ ପ୍ରଦର୍ଶିତ କରି ବିଶ୍ୱ ଦରବାରରେ ନିନ୍ଦିତ ହେବେ । ସେମାନଙ୍କର ଉଦ୍ଦେଶ୍ୟ କିଛି ମାତ୍ରାରେ ସଫଳ ହେବା ଘଟଣା ଏବେ ଦେଖାଯାଉଛି । ଆଦର୍ଶରହିତ ବିଦ୍ୟାଧ୍ୟୟନ ସତେଯେପରି ସ୍ୱାର୍ଥସର୍ବସ୍ୱ ହେବାରେ ଲାଗିଛି । ବେଦ ଉପନିଷଦ ଭଳି ଧର୍ମଗ୍ରନ୍ଥର ପ୍ରଭାବ ସମାଜରୁ ଧୀରେ ଧୀରେ ଲୋପ ପାଇଗଲାଣି । ତଥାପି କେତେଜଣ ମହାପୁରୁଷ ଭାରତୀୟ ସଂସ୍କାର, ସଂସ୍କୃତି ସହିତ ତା'ର ଉଚ୍ଚ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି । ସେଥିପାଇଁ ବିଦ୍ୟାଳୟ ସ୍ତରରୁ ଯୋଗ ଶିକ୍ଷା ଭଳି ମହତ ଶିକ୍ଷାର ପ୍ରଚଳନ କରାଯାଉଛି । ତଥାପି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢୁଛି । ବିଶେଷକରି ଅଭିଭାବକମାନେ ଶାନ୍ତିରେ ଶୋଇ ପାରୁନାହାଁନ୍ତି । ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରିବା ଆଶାରେ ଶିକ୍ଷକମାନେ । ବିଦ୍ୟାଳୟରେ ଆଜିର ଅନୁଚିନ୍ତା ସହିତ କେତେଗୁଡ଼ିଏ ନୀତିଶିକ୍ଷାକୁ ଖବରକାଗଜରୁ ସଂଗ୍ରହ କରି ପ୍ରାର୍ଥନା ସଭାରେ ପାଠ କରିସାରିଲା ପରେ ମୁଖ୍ୟ ଖବରକୁ ପଢ଼ିବା ପାଇଁ କେତେଜଣ ଦକ୍ଷ ଛାତ୍ରଛାତ୍ରୀଙ୍କ ହାତକୁ ବଢ଼ାଇ ଦିଅନ୍ତି । ଆମ ଦେଶରେ ଏବେ ଦଶହଜାରରୁ ଅଧିକ ସଂଖ୍ୟକ ଶିବ ମନ୍ଦିର ଥିବାବେଳେ ଏକଶହ ଆଠଟି ପ୍ରସିଦ୍ଧ ବିଷ୍ଣୁଙ୍କ ମନ୍ଦିର ସ୍ଥାପନ କରାଯାଇ ପୂଜା ଅର୍ଚ୍ଚନା କରାଯାଉଛି । ସେହିଭଳି ଦୁର୍ଗାଙ୍କ ସହିତ ଅନ୍ୟ ଦେବଦେବୀଙ୍କ ମନ୍ଦିରର ସଂଖ୍ୟା ମଧ୍ୟ କମ୍ ନୁହେଁ । ସେହି ଅନୁସାରେ ଲବ୍ଧପ୍ରତିଷ୍ଠିତ ଧର୍ମପ୍ରଚାରକ ବା ସନ୍ନ୍ୟାସୀଙ୍କ ସଂଖ୍ୟା ମଧ୍ୟ ବେଶି ଅଧିକ । ମନ୍ଦିରର ପ୍ରସାଦ, ତା'ର ପରିବେଶ, ବିଶେଷକରି ଶୁଦ୍ଧପୂତ ହୋଇ ପ୍ରବେଶ କରୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବା ଭକ୍ତଗଣ କେତେଗୁଡ଼ିଏ ମନସ୍କାମନାକୁ ସାଥିରେ ଧରି ଆସିଥାଆନ୍ତି । ସେମାନଙ୍କର ଆଶା ପୂରଣ କରିବାକୁ ଈଶ୍ୱରଙ୍କ ନିକଟରେ ଗୁହାରି କରନ୍ତି । ତଥାପି ଆମ ଦେଶରୁ ଦାରିଦ୍ର୍ୟ ସହିତ ମୂର୍ଖତା କମିବାର ହାର ଯେଉଁ ମାତ୍ରାରେ କମିବା କଥା ତାହା ହେଉନାହିଁ । ତେଣୁ ମୁଁ ପ୍ରତିଜ୍ଞା କରିଛି ଜଣେ ଧର୍ମଯାଜକ ହେବି । ଧର୍ମ ପ୍ରଚାରକ ହିସାବରେ ସାଧାରଣ ଲୋକଙ୍କୁ ସଚେତନ କରିବି । କଷ୍ଟ ଅର୍ଜିତ ସମ୍ପତ୍ତିର ମୂଲ୍ୟ ଏବଂ ତାକୁ ହାସଲ କରିବାରେ ଯେଉଁ ଆନନ୍ଦ ଥାଏ, ତାହା ଚୋରି କିମ୍ବା ଠକେଇ ଦ୍ୱାରା ଅର୍ଜିତ ଧନ ସହ ସମାନ ହୋଇପାରିବ ନାହିଁ, କିମ୍ବା ମନକୁ ଶାନ୍ତି ପ୍ରଦାନ କରିପାରିବ ନାହିଁ । ପିଲାଟିର ସ୍ୱପ୍ନ, ତା'ର ନିର୍ଭୀକ ବକ୍ତବ୍ୟ ସାଙ୍ଗମାନଙ୍କଠାରୁ ଯାଇ କେତେଜଣ ଶିକ୍ଷକଙ୍କ କାନରେ ପଡ଼ିଗଲା । ଆଲୋଚନା ଚାଲିଲା, ଅଭିଭାବକମାନେ ଆଲୋଚନାରେ ଭାଗ ନେଲେ । ସଙ୍କୋଚତା ସହିତ କଡ଼ା ଶାସନ ବ୍ୟବସ୍ଥାରେ ଆଗୁଆ ଥିବା ଛୋଟ ଦେଶ ସିଙ୍ଗାପୁର ଏବଂ ତା' ସହିତ ସ୍ୱିଜରଲ୍ୟାଣ୍ଡର ସ୍ୱାଧୀନତାକୁ ଉପଭୋଗ କରୁଥିବା ଦେଶବାସୀଙ୍କର ଆର୍ଥିକ ସ୍ୱଚ୍ଛଳତାକୁ ନେଇ ଅଭିଭାବକମାନେ ନିଜ ନିଜ ମଧ୍ୟରେ ଆଲୋଚନା କଲେ । ଆମ ଦେଶର ଯେ, ଆର୍ଥିକ ଅଭିବୃଦ୍ଧି ହେଉନାହିଁ ତାହା କହିହେବ ନାହିଁ । ଶିକ୍ଷିତ କରିବା ଏବଂ ଶିକ୍ଷିତ ହେବାର ନିଶା ପାଇଁ ଏବେ ଆମ ରାଜ୍ୟ ସହିତ ସମଗ୍ର ଦେଶରେ ଅନେକଗୁଡ଼ିଏ ଆବାସିକ ସ୍କୁଲ କଲେଜ ଖୋଲାଯାଇଛି । ପିତାମାତାଙ୍କର ସ୍ୱପ୍ନକୁ ସାକାର କରିବା ସହିତ ପିଲାଟି ଅନେକ ସ୍ୱପ୍ନକୁ ନେଇ ଘର ଛାଡୁଛି ।







# ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ପୂର୍ତ୍ତମନ୍ତ୍ରୀ

ଭୁବନେଶ୍ୱର: ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି। ବର୍ତ୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବାବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଲ୍ଲେଖ କରିଛନ୍ତି। ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧିନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର, ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେଉଁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବୈଠକରେ ଆଗାମୀ ତିନି ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାର୍ଶ୍ୱରେ ସର୍ବନିମ୍ନ ସୁବିଧା ପାଇଁ '**Way Side Amenity center**' ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ୍, ପ୍ଲାନିଂ ଓ କୋର୍ଡିନେସନ୍ ଇଂ ସମୀର ହୋତା, ଉପଦେଷ୍ଟା ଜେ.କେ. ଦାସ, ଇଆଇସି, ରୋଡସ୍ ଇଂ ଧାନଚାନ୍ଦ ନାୟକ, ଯୁଗ୍ମ ଶାସନ ସଚିବ ଦୀପ୍ତିରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ଇଂ ନାରାୟଣ ପଟେଲ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ ପ୍ରମୁଖ ଉପସ୍ଥିତ ଥିଲେ।




## ମରୁଭୂମି ପାଲଟିଲାଣି ବ୍ରାହ୍ମଣୀ: ପ୍ରଦୂଷଣ ପ୍ରଭାବ, ବହୁଛି କଳା ପାଣି

ଧର୍ମଶାଳା: ବୈଶାଖ ଆରମ୍ଭ ହୋଇନି। ମାର୍ଚ୍ଚ ମାସ ଶେଷ ସପ୍ତାହରୁ ଶୁଖି ଆସିଲାଣି ବ୍ରାହ୍ମଣୀ। ଧାରେଧାରେ ପ୍ରବାହିତ ହେଉଛି ପାଣି। ତାହା ସ୍ୱଚ୍ଛ କିମ୍ବା ନୀଳ ଜଳରାଶି ନୁହେଁ, ବରଂ ପୂରା କଳାରଙ୍ଗର ବିଷାକ୍ତ ପାଣି। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ଏବେ ଏଭଳି ଭାବେ ପ୍ରଦୂଷିତ ଯେ ଏହା 'ଜୀବନରେଖା'ରୁ ରୋଗ ସୃଷ୍ଟିକାରୀ ପାଲଟିଛି। ଦିନେ ନଦୀକୂଳରେ ଗଢ଼ି ଉଠିଥିଲା ସଭ୍ୟତା। ଗତ କିଛି ଦଶନ୍ଧି ହେବ ବ୍ରାହ୍ମଣୀ କୂଳେକୂଳେ ଗଢ଼ିଉଠିଛି ଅନେକ ବୃହତ୍ କଳକାରଖାନା। ଏହାର ପାଣିକୁ ଶିଳ୍ପରେ ବ୍ୟବହାର କରାଯାଉଛି। ସେହି ଶିଳ୍ପରୁ ନିର୍ଗତ ରାସାୟନିକ ବର୍ଜ୍ୟ ସାମଗ୍ରୀ ନଦୀଗର୍ଭକୁ ଛାଡ଼ି ଦିଆଯାଉଛି। ଫଳସ୍ୱରୂପ ବଦଳି ଯାଇଛି ବ୍ରାହ୍ମଣୀର ରଙ୍ଗ। ଏହାର ପାଣି ଆଉ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ଭରା ନଦୀ ଶୁଖିଯାଇଛି, ଏବେ ମରୁଭୂମି ପାଲଟିଯାଇଛି ବୋଲି ଧର୍ମଶାଳା ଅଞ୍ଚଳର ପରିବେଶବିତ୍‌ମାନେ ମତ ରଖିଛନ୍ତି।

ସ୍ୱାଧୀନତା ପୂର୍ବରୁ ଏହି ନଦୀରେ ବ୍ୟାରେଜ୍ ନିର୍ମାଣ କରି ଜଳ ସଂରକ୍ଷଣ କରାଯାଉଥିଲା। ବ୍ୟାରେଜ୍ ପୋତି ହୋଇଯିବା ପରେ ଏବେ ଜଳ ସଂରକ୍ଷଣର ବ୍ୟବସ୍ଥା ନାହିଁ। ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାର ଯୋକଡ଼ିଆଠାରେ ବ୍ରିଟିସ୍ ସରକାର ଏକ ବ୍ୟାରେଜ୍ ନିର୍ମାଣ କରିଥିଲେ। ବର୍ତ୍ତମାନ କେବଳ ତାହାର କିଛି ଅବଶେଷ ରହିଛି। ଏ ଅଞ୍ଚଳର ଚାଷୀମାନଙ୍କ କହିବା କଥା, ଏଯାଏଁ ବୈଶାଖ ଆସିନି କିନ୍ତୁ ଧର୍ମଶାଳା ବ୍ଲକର ଅନେକ ଜାଗାରେ ବ୍ରାହ୍ମଣୀ ଶୁଖିଗଲାଣି। ୧୦/୧୫ ବର୍ଷ ତଳେ ଗ୍ରୀଷ୍ମଦିନରେ ବି ନଦୀରେ ଯଥେଷ୍ଟ ପାଣି ରହୁଥିଲା। ବର୍ତ୍ତମାନ ନଦୀଶଯ୍ୟା ମରୁଭୂମି ସଦୃଶ ହୋଇଛି। ଚାରିଆଡ଼େ ଖାଲି ବାଲି ଆଉ ବାଲି। ବ୍ରାହ୍ମଣୀ ନଦୀକୂଳିଆ ଗ୍ରାମ ଜେନାପୁର, ବାଉଁଶଅଣ୍ଟା କୁସ୍ତିରା, ଇମାମନଗର ଭୁବନ, ଦେଉଳିପାଳ, ଭାଲୁଖାଇ, କାଏମା, ମିର୍ଜାପୁର କୋତପୁର ଗ୍ରାମର ଚାଷୀମାନଙ୍କ କହିବା ଅନୁସାରେ, ସେମାନେ ଖରାଦିନେ ନଦୀକୂଳରେ ଚିନାବାଦାମ, ତରଭୁଜ, ପୋଟଳ, କାକୁଡ଼ି ଆଦି ଚାଷ କରୁଥିଲେ। ନଦୀରେ ପାଣି ରହୁ ନ ଥିବାରୁ ଏବେ ଭୂତଳ ଜଳସ୍ତର ହ୍ରାସ ପାଇ ଚାଲିଛି। ଫସଲ କ୍ଷତିଗ୍ରସ୍ତ ହେଉଛି।

ଏ ସଂପର୍କରେ କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ମଦନ ମୋହନ ସାହୁଙ୍କୁ ଯୋଗାଯୋଗ କରିବାରୁ ବ୍ରାହ୍ମଣୀ ପାଣି କଳା ହେବାର କୌଣସି କାରଣ ନାହିଁ ବୋଲି କହିଥିଲେ। ଜାରକା ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାଶଙ୍କ ସହ ଯୋଗାଯୋଗ କରିବାରୁ ଯୋକଡ଼ିଆ ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ ଓ ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବାର ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଥିବା କହିଛନ୍ତି।



## ମହୁଲ ଫୁଲରୁ ମିଳୁନି ମୂଲ: ପଡୋଶୀ ଛତିଶଗଡକୁ ଅନୁସରଣ କରୁ ଓଡିଶା

ନବରଙ୍ଗପୁର: ସରକାରଙ୍କ ଲଘୁ ବନଜାତ ଦ୍ରବ୍ୟ ମୂଲ୍ୟ ନିର୍ଦ୍ଧାରଣ ଗଳାବାଟ ଓ ସରକାରୀ ବାବୁଙ୍କ ଚିରାଚରିତ ଅବହେଳା ଆଉ ଦାୟିତ୍ୱହୀନ କାରବାର ପାଇଁ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି ବନଜାତ ଦ୍ରବ୍ୟ ସଂଗ୍ରହକାରୀ । ଗୋଟିଏ ପଟେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ପରିବାରକୁ ଉଚିତ ପ୍ରାପ୍ୟ ମିଳୁନଥିବା ବେଳେ ଅନ୍ୟପଟେ ବିପୁଳ ରାଜସ୍ୱ ହରାଉଛନ୍ତି ସରକାର । ଅତୀତରେ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ଯଥା ଝୁଣା, ମହୁ, ଦାନ୍ତକାଠି, ଶାଳ ପତ୍ର, କାଠ ଓ ଛତୁ ଇଦ୍ୟାଦି ସଂଗ୍ରହ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବନବାସୀ ବର୍ତ୍ତମାନ ସ୍ଥିତିରେ ରୋଜଗାର ହରାଇବାରେ ଲାଗିଛନ୍ତି । ବ୍ୟାପକ ଜଙ୍ଗଲହାନୀ ସାଙ୍ଗକୁ ସରକାରୀ ଦରଦାମ ଆକଳନରେ ତ୍ରୁଟି ବନବାସୀଙ୍କୁ ନ୍ୟାୟ ପ୍ରଦାନରେ ବାଧକ ସାଜିଛି । ସୂଚନାଯୋଗ୍ୟ ଆଦିବାସୀ ଅଧୁଷିତ ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଗ୍ରାମାଞ୍ଚଳ ଜଙ୍ଗଲରୁ ବିପୁଳ ପରିମାଣର ମହୁଲ ଫୁଲ ସଂଗ୍ରହ କରାଯାଉଥିବା ବେଳେ ଏହାର ଦରଦାମ ନିର୍ଦ୍ଧାରଣରେ ନିୟନ୍ତ୍ରଣ ନାହିଁ। କୃଷିଜାତ ଦ୍ରବ୍ୟ ଦରଦାମ ନିୟନ୍ତ୍ରଣ ବ୍ୟବସ୍ଥା ନିୟନ୍ତ୍ରିତ ବଜାର କମିଟି ନିକଟରେ ରହିଥିବା ବେଳେ ମହୁଲ କ୍ରୟ ନିମନ୍ତେ ଲାଇସେନ୍ସ




ପ୍ରଦାନ ବ୍ୟବସ୍ଥା ଅବକାରୀ ବିଭାଗ ନିକଟରେ ରହିଛି । ତେବେ ଦରଦାମ ନିୟନ୍ତ୍ରଣ ବ୍ୟବସ୍ଥା ପଞ୍ଚାୟତିରାଜ ବିଭାଗ ପାଖରେ ଥିବାବେଳେ ତିନି ସେଣାରେ ପାଣି ଉଠିବା ବ୍ୟବସ୍ଥା ପାଇଁ କ୍ଷତି ସହୁଛନ୍ତି ସଂଗ୍ରହକାରୀ । ଜିଲ୍ଲାର ପ୍ରାୟ ୫୦ ରୁ ଅଧିକ ମହୁଲ ବେପାରୀଙ୍କ ଠାରୁ ଅବକାରୀ ବିଭାଗ ଲକ୍ଷାଧିକ ଟଙ୍କା ଟିକସ ଆଦାୟ କରୁଥିବାବେଳେ ସଂଗ୍ରହକାରୀଙ୍କ ପ୍ରାପ୍ୟ ବାବଦରେ ପଦକ୍ଷେପ ନେବାପାଇଁ କ୍ଷମତା ନାହିଁ । ଅଧିକାଂଶ ବେପାରୀ ନିଜ ଇଚ୍ଛାନୁସାରେ ମହୁଲ ଫୁଲ ମୂଲ୍ୟ ନିର୍ଦ୍ଧାରଣ କରୁଥିବାରୁ ପ୍ରଭାବିତ ହେଉଛନ୍ତି ସଂଗ୍ରହକାରୀ । ଅନ୍ୟପକ୍ଷରେ ବିନା ଲାଇସେନ୍ସରେ ମଧ୍ୟ ଅସାଧୁ ବ୍ୟବସାୟୀ ମହୁଲ କିଣୁଥିବା ବେଳେ ସରକାରଙ୍କ ନିୟନ୍ତ୍ରଣ ବାହାରେ ରହି ନିଜ ଇଚ୍ଛାରେ ଚଳାଇଛନ୍ତି କାରବାର ଯେଉଁଥିରେ ସରକାର ରାଜସ୍ୱ ହରାଉଛନ୍ତି । ସେହିଭଳି ବେଆଇନ ଭାବରେ ପଡୋଶୀ ଛତିଶଗଡକୁ ମହୁଲ ଚାଲାଣ ହେଉଥିବାବେଳେ ସରକାରଙ୍କ ନିୟନ୍ତ୍ରଣ ବାହାରେ ରହିଛି ଧାରପଗଡ଼ ବ୍ୟବସ୍ଥା । ତେବେ ପଡୋଶୀ ଛତିଶଗଡ ରାଜ୍ୟରେ ଏହି ବ୍ୟବସ୍ଥାରେ ସରଳିକରଣ ପାଇଁ ଉଭୟ ସଂଗ୍ରହକାରୀ ଓ ସରକାର ଉପକୃତ ହେଉଥିବା ବେଳେ ଓଡିଶାରେ ଏହି ବ୍ୟବସ୍ଥା ପୁରା ଓଲଟା । ତେବେ ଛତିଶଗଡ ଢାଞ୍ଚାରେ ମହୁଲ ଫୁଲ କାରବାର ନିୟମାବଳୀ ପ୍ରଚଳନ ନିମନ୍ତେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଦାବୀ କରିଥିଲେ ଯେଉଁଥିରେ ଉଭୟ ପକ୍ଷ ଲାଭବାନ ହେବେ । ବର୍ତ୍ତମାନର ଦରଦାମ ନିୟନ୍ତ୍ରଣ ବ୍ୟବସ୍ଥାର ପରିବର୍ତ୍ତନ ସହ ସରଳିକରଣ କରାଗଲେ ବ୍ୟବସାୟୀ ଲାଭ ଓ ସରକାର ସଠିକ ରାଜସ୍ୱ ପାଇବେ ଓ ସଂଗ୍ରହକାରୀଙ୍କୁ ମଧ୍ୟ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି କୁହାଯାଉଛି । ତେବେ କେବେ ଚେତିବେ ସରକାର ଓ ବଦଳିବ ପାରମ୍ପରିକ ଢାଞ୍ଚା ତାକୁ ଅପେକ୍ଷା ରହିଛି ।

## ଖତ ହେଉଛି ଯନ୍ତ୍ରାଂଶ: ଅଚଳ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ

ଭାପୁର: ନୟାଗଡ଼ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ପୂର୍ବପଟେ ପ୍ରାୟ ୬ କୋଟି ଟଙ୍କାରେ ନିର୍ମିତ ଫତେଗଡ଼ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନ ପରଠାରୁ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଖତ ହେଉଛି ଯନ୍ତ୍ରାଂଶ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଭାପୁର ବ୍ଲକ୍ ଅଞ୍ଚଳର ଜନସାଧାରଣଙ୍କୁ ଫ୍ଲୋରାଇଡ୍‌ଯୁକ୍ତ ପାନୀୟଜଳ ବ୍ୟବହାରରୁ ରକ୍ଷା କରିବା ଲାଗି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ୨୦୦୦ ମସିହାରେ ପ୍ରାୟ ୬ କୋଟି ଟଙ୍କାରେ ପଦ୍ମାବତୀ ଗ୍ରାମ ନିକଟରେ ବୃହତ୍ ଫତେଗଡ଼ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଗଲା। ଯାହା ୨୦୦୩ରେ ଶେଷ ହୋଇଥିଲା। ଏହି ପ୍ରକଳ୍ପରୁ ଭାପୁର ବ୍ଲକ ଅଞ୍ଚଳର ୧୦ଟି ପଞ୍ଚାୟତର ୨୮ଟି ଗ୍ରାମକୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା। ବିଜିପୁର ଗ୍ରାମ ନିକଟରେ ଥିବା ଅନନ୍ତେଶ୍ୱର ଦେବଙ୍କ ଟୁବୁରି ପାହାଡ଼ରେ ୨ ଲକ୍ଷ ୭୫ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ସମ୍ପ୍ ନିର୍ମାଣ କରାଯାଇଥିଲା। ପଦ୍ମାବତୀ ଗ୍ରାମ ପ୍ରକଳ୍ପରେ ଉଚ୍ଚଶକ୍ତି ସମ୍ପନ୍ନ ୨୦ ଏଚ୍‌ପି (ହର୍ସ ପାୱାର) ବିଶିଷ୍ଟ ଦୁଇଟି ପମ୍ପ୍ ଏବଂ ୧୨.୫ ଏଚ୍‌ପିର ଗୋଟିଏ ପମ୍ପ୍ ଲଗାଯିବା ସହିତ ଗୋଟିଏ ଇନ୍‌ଟେକ୍ ୱେଲ୍ ଖୋଳାଯାଇଥିଲା। ୨୦୦୧ ମସିହାରେ ୩୨,୪୦୦ ଏବଂ ୨୦୧୬ରେ ୪୫,୩୦୦ ଜନ ସାଧାରଣଙ୍କୁ ପାଇପ୍ ଦ୍ୱାରା ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ବୃହତ୍ ପ୍ରକଳ୍ପକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ ଫେବ୍ରୁଆରି ୧୩ ତାରିଖରେ ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନ ପରଠାରୁ ତାହା ଲୋକମାନଙ୍କ ସେବାରେ ଲାଗିନି। ନିର୍ମାଣ ହୋଇଥିବା ଇନ୍‌ଟେକ୍ ୱେଲ୍‌ରେ ଯେତିକି ପାଣି ହେଉଛି ତାହା ପମ୍ପ୍‌କୁ ଯାଇପାରୁ ନଥିବା ଜଣାପଡ଼ିଥିଲା। କିଛିମାସ ପରେ ପୁଣି ଅର୍ଥ ମଞ୍ଜୁର ହେଲା, ଆଉ ଏକ ଇନ୍‌ଟେକ୍ ୱେଲ୍ ଖୋଳାଯାଇ ଜଳ ଯୋଗାଇବାର ବ୍ୟବସ୍ଥା ହେଲା। କିନ୍ତୁ ତାହା ମଧ୍ୟ ଫଳପ୍ରଦ ହେଲାନାହିଁ। ସେବେଠାରୁ ଏହା ଅଚଳ ଅବସ୍ଥାରେ ପଡ଼ି ରହିଲା। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ମାଟିତଳେ ପୋତା ହୋଇଥିବା ଲୁହା ପାଇପ୍ ତାଡ଼ିନେଲେ। ପମ୍ପଗୁଡ଼ିକ ଖତ ଖାଉଛି। ପମ୍ପ ହାଉସ୍ ପାରାମାନଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଛି। କିଛି ଯୁବକଙ୍କ ପାଇଁ ଏକ ଜିମ୍ ସେଣ୍ଟରରେ ପରିଣତ ହୋଇଛି। ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ସତ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ବେପରୁଆ କାର୍ଯ୍ୟପାଇଁ ପ୍ରକଳ୍ପଟି ଭୂତକୋଠିରେ ପରିଣତ ହୋଇଛି। ଏହି ପ୍ରକଳ୍ପ ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।



# ଶରୀରରୁ ବାହାରୁଥିବା ଝାଳ କେବଳ କ୍ଲାନ୍ତି ନୁହେଁ ବରଂ ରୋଗର ସଙ୍କେତ



ଆମ ଶରୀର ଏକ ଚମତ୍କାରୀ ଯନ୍ତ୍ର ଅଟେ ଯାହା ପ୍ରତିଟି ଛୋଟ ଲକ୍ଷଣ ମାଧ୍ୟମରେ ନିଜର ଭିତରୀଣ ଅବସ୍ଥା ଜଣାଇଥାଏ। ଝାଳ ବାହାରିବା କେବଳ ଗରମ ଦିନ କିମ୍ବା ପରିଶ୍ରମର ଫଳ ନୁହେଁ, ବରଂ ଏହା ଶରୀରର ସ୍ୱାଭାବିକ ଶୀତଳୀକରଣ ପ୍ରଣାଳୀ। ଯେତେବେଳେ ଶରୀରର ତାପମାତ୍ରା ବଢ଼େ, ଝାଳ ବାହାରି ବାଷ୍ପୀଭୂତ ହୋଇ ଶରୀରକୁ ଥଣ୍ଡା କରିଥାଏ ଏବଂ ଅତ୍ୟଧିକ ଗରମରୁ ରକ୍ଷା କରେ। ବ୍ୟାୟାମ, ଗରମ ପରିବେଶ, ମାନସିକ ଚାପ କିମ୍ବା ହରମୋନ୍ ପରିବର୍ତ୍ତନ ସମୟରେ ଝାଳ ବାହାରିବା ସ୍ୱାଭାବିକ ଅଟେ। ଏହା ହୃଦୟ, ସ୍ନାୟୁ ତନ୍ତ୍ର ଏବଂ ଶରୀରର ତାପମାତ୍ରା ନିୟନ୍ତ୍ରଣ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ କରୁଥିବାର ସୂଚନା ଦେଇଥାଏ। କିନ୍ତୁ ଯେତେବେଳେ ଝାଳର ପରିମାଣ, ସମୟ, ସ୍ଥାନ ଏବଂ ଗନ୍ଧରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଏ, ତେତେବେଳେ ଏହା ଶରୀର ଭିତରେ ଲୁଚି ରହିଥିବା କୌଣସି ସ୍ୱାସ୍ଥ୍ୟ ସମସ୍ୟାର ଗୁପ୍ତ ସଙ୍କେତ ହୋଇପାରେ। ଝାଳର ପ୍ରକାର ଅନୁସାରେ ସ୍ୱାସ୍ଥ୍ୟର ବିଭିନ୍ନ ସୂଚନା ମିଳିଥାଏ। ପରିଶ୍ରମ ବିନା ହଠାତ୍ ଅଧିକ ଝାଳ ବାହାରିବା ହରମୋନ୍ ଅସନ୍ତୁଳନ କିମ୍ବା ସ୍ନାୟୁ ସମ୍ବନ୍ଧୀୟ ସମସ୍ୟାର ଇଙ୍ଗିତ ଦେଇଥାଏ। ଥାଇରଏଡ୍ ଗ୍ରନ୍ଥିର ଅତ୍ୟଧିକ ସକ୍ରିୟତାରେ ବାରମ୍ବାର ଝାଳ ବାହାରେ ଯେତେବେଳେ ଥାଇରଏଡ୍ କମ୍ ସକ୍ରିୟ ହୁଏ ତେତେବେଳେ ଝାଳ କମ୍ ହୋଇ ଚର୍ମ ଶୁଷ୍କ ହୁଏ। ଡାଇବେଟିସ୍ ରୋଗରେ ରକ୍ତରେ ଶର୍କରା କମିଗଲେ ହଠାତ୍ ଝାଳ ସହ କମ୍ପନ ଦେଖାଯାଏ। ମାନସିକ ଚାପ ଏବଂ ଉଦ୍ବେଗରେ ହାତ, ତଳୁଆ ଏବଂ ବଗଲରେ ଅଧିକ ଝାଳ ବାହାରେ। ଗରମ ପରିବେଶରେ ମଧ୍ୟ ଝାଳ ନ ବାହାରିବା ଶରୀରର ଶୀତଳୀକରଣ ବ୍ୟବସ୍ଥାର ବିଫଳତା ସୂଚାଏ ଏବଂ ପାଣିର ଅଭାବ କିମ୍ବା ଅନ୍ୟାନ୍ୟ ଗମ୍ଭୀର ସମସ୍ୟାର ସଙ୍କେତ ହୋଇପାରେ। ରାତିରେ ଅଧିକ ଝାଳ ବାହାରିବା ଅନେକ ସମୟରେ ଚିନ୍ତାର ବିଷୟ ହୁଏ। ଯଦି ରାତିରେ ହଠାତ୍ ଗରମ ଲାଗି ଝାଳରେ ଭିଜି ଯାଏ ଏବଂ ଏହା ନିୟମିତ ଘଟେ, ତେବେ ଏହା ଥାଇରଏଡ୍ ସମସ୍ୟା, ମହିଳାଙ୍କ ମେନୋପଜ୍ ସମୟର ହଟ୍ ଫ୍ଲାଶ୍, ଡାଇବେଟିସ୍ କିମ୍ବା କୌଣସି ଦୀର୍ଘସ୍ଥାୟୀ ସଂକ୍ରମଣର ଲକ୍ଷଣ ହୋଇପାରେ। ହଠାତ୍ ଥଣ୍ଡା ଏବଂ ଆଠିଆ ଝାଳ ନିମ୍ନ ରକ୍ତଚାପ କିମ୍ବା ହୃଦୟର ଚାପର ସଙ୍କେତ ଦେଇପାରେ। ଝାଳର ଗନ୍ଧ ମଧ୍ୟ ଏକ ମହତ୍ୱପୂର୍ଣ୍ଣ ସୂଚକ। ସ୍ୱାଭାବିକ ଝାଳର କୌଣସି ତୀବ୍ର ଗନ୍ଧ ନ ଥାଏ, କିନ୍ତୁ ଅସ୍ୱାଭାବିକ ଦୁର୍ଗନ୍ଧ ହେଲେ ଏହା ସଂକ୍ରମଣ, ମେଟାବୋଲିକ୍ ପରିବର୍ତ୍ତନ କିମ୍ବା ଖାଦ୍ୟ ସମ୍ବନ୍ଧୀୟ ସମସ୍ୟାର ଇଙ୍ଗିତ ଦେଇଥାଏ। ଅଧିକ ମାଂସ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ କମ୍ ପାଣି ପିଇବା ଏହି ଗନ୍ଧକୁ ବଢ଼ାଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହନ୍ତି ଯେ, ଝାଳର ପ୍ରକାରରେ ହଠାତ୍ ପରିବର୍ତ୍ତନ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। ବିଶେଷ କରି ଯଦି ଝାଳ ସହିତ ଛାତିରେ ଯନ୍ତ୍ରଣା, ଶ୍ୱାସକଷ୍ଟ, ମୁଣ୍ଡ ଘୁରା, ଦୁର୍ବଳତା କିମ୍ବା ଅଜ୍ଞାତ ଓଜନ ହ୍ରାସ ଦେଖାଯାଏ, ତେବେ ଏହା ଜରୁରୀ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ସୂଚାଏ। ଝାଳ କେବଳ ଏକ ଶାରୀରିକ ପ୍ରକ୍ରିୟା ନୁହେଁ, ଏହା ଶରୀର ଭିତରେ ଚାଲିଥିବା ପ୍ରକ୍ରିୟାଗୁଡ଼ିକର ଏକ ଜୀବନ୍ତ ପ୍ରତିବିମ୍ବ। ସ୍ୱାସ୍ଥ୍ୟକର ଜୀବନଶୈଳୀ ଦ୍ୱାରା ଝାଳ ସମ୍ବନ୍ଧୀୟ ସମସ୍ୟାକୁ ଅନେକାଂଶରେ ନିୟନ୍ତ୍ରଣ କରିହୁଏ। ପ୍ରତିଦିନ ପ୍ରଚୁର ପାଣି ପିଇବା, ଲେମ୍ବୁ ପାଣି କିମ୍ବା ଔଷଧୀୟ ପାନୀୟ ଗ୍ରହଣ କରିବା, ଢିଲା ଏବଂ ଶୁଷ୍କ ବସ୍ତ୍ର ପରିଧାନ କରିବା, ପ୍ରତିଦିନ ସ୍ନାନ କରି ଶରୀରର ଭାଜି ସ୍ଥାନଗୁଡ଼ିକୁ ଭଲ ଭାବେ ସଫା କରିବା, ସବୁଜ ଶାକସବଜୀ, ଫଳ ଏବଂ ପ୍ରୋବାୟୋଟିକ୍ ଖାଦ୍ୟ ଖାଇବା ଏବଂ ମାଂସ ଓ ଜଙ୍କ୍ ଫୁଡ୍ କମ୍ ଖାଇବା ଦ୍ୱାରା ଝାଳର ଗନ୍ଧ ଓ ଅସୁବିଧା କମ୍ ହୋଇଥାଏ। ମାନସିକ ଚାପ କମାଇବା ପାଇଁ ଧ୍ୟାନ ଏବଂ ଯୋଗ ମଧ୍ୟ ବହୁତ ସହାୟକ ହୁଏ।

ଝାଳର ପ୍ରତିଟି ଅସ୍ୱାଭାବିକତାକୁ ଗୁରୁତ୍ୱ ଦେଇ ସମୟରେ ଡାକ୍ତରୀ ପରାମର୍ଶ ନେବା ଉଚିତ୍। ସ୍ୱାସ୍ଥ୍ୟ ହିଁ ପ୍ରକୃତ ସମ୍ପଦ। ଏହି ଗୁପ୍ତ ସଙ୍କେତଗୁଡ଼ିକୁ ବୁଝି ଉପଯୁକ୍ତ ପଦକ୍ଷେପ ନେଲେ ଅନେକ ଗମ୍ଭୀର ରୋଗରୁ ନିଜକୁ ରକ୍ଷା କରିହେବ ଏବଂ ଏକ ସୁସ୍ଥ, ସକ୍ରିୟ ଓ ସୁଖମୟ ଜୀବନ ବଞ୍ଚିହେବ। ସ୍ୱାସ୍ଥ୍ୟ ସଚେତନତା ହିଁ ଏକ ଉତ୍ତମ ଜୀବନର ପ୍ରଥମ ପଦକ୍ଷେପ।



# ସାବଧାନ !

## ଅତ୍ୟଧିକ ଟିଭି ଦେଖିବା ମାରାତ୍ମକ

ଆଧୁନିକ ଯୁଗରେ ଟେଲିଭିଜନ କେବଳ ମନୋରଞ୍ଜନର ଏକ ସାଧନ ହୋଇ ରହିନାହିଁ, ବରଂ ଅନେକ ପରିବାରର ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ସନ୍ଧ୍ୟା ହେଲେ ପରିବାରର ସମସ୍ତ ସଦସ୍ୟ ଟେଲିଭିଜନ ସମ୍ମୁଖରେ ବସି ଯାଆନ୍ତି ଏବଂ ଘଣ୍ଟା ଘଣ୍ଟା ଧରି ବିଭିନ୍ନ କାର୍ଯ୍ୟକ୍ରମ ଦେଖନ୍ତି। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଉଛନ୍ତି ଯେ, ଏହି ଅତ୍ୟଧିକ ଟେଲିଭିଜନ ଦର୍ଶନ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ନୀରବ ଘାତକ ସାଜିପାରେ। ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ରହିବା ଏବଂ ପରଦାର ନୀଳ ଆଲୋକର ପ୍ରଭାବ ଶରୀର ଓ ମନ ଉପରେ ଗମ୍ଭୀର ପ୍ରଭାବ ପକାଉଛି। ଟେଲିଭିଜନ ଦର୍ଶନର ସବୁଠାରୁ ସ୍ପଷ୍ଟ ପ୍ରଭାବ ଦେଖାଯାଏ ଶାରୀରିକ ସ୍ୱାସ୍ଥ୍ୟରେ। ଏହା ଗତିହୀନ ଜୀବନଶୈଳୀ ସୃଷ୍ଟି କରେ, ଯାହା ଫଳରେ ଶରୀରର ମେଟାବୋଲିଜମ୍ ଧୀରେ ହୋଇଯାଏ ଏବଂ ଓଜନ ବୃଦ୍ଧି ପାଏ। ଟେଲିଭିଜନ ଦେଖୁଥିବା ସମୟରେ ଅଧିକାଂଶ ଲୋକ ଅଜାଣତରେ ଅଧିକ ପରିମାଣର ଖାଦ୍ୟ କିମ୍ବା ଅସ୍ୱାସ୍ଥ୍ୟକର ଜଳଖିଆ ଖାଇଥାନ୍ତି, ଯାହା ମେଦବହୁଳତାର ମୂଳ କାରଣ ହୋଇଥାଏ। ଏହି ମେଦବହୁଳତା ପରେ ହୃଦରୋଗ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ଗମ୍ଭୀର ରୋଗର ଆଶଙ୍କା ବଢ଼ାଇଥାଏ। ଶରୀରର ଗତିଶୀଳତା କମିଯିବା ସହ ସମଗ୍ର ଶରୀର ବ୍ୟବସ୍ଥା ପ୍ରଭାବିତ ହୁଏ। ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ଅତ୍ୟନ୍ତ ଗମ୍ଭୀର। ଅଧିକ ସମୟ ଟେଲିଭିଜନରେ ବ୍ୟସ୍ତ ରହିବା ଦ୍ୱାରା ମଣିଷ ପରିବାର ଓ ସମାଜରୁ ଦୂରେଇ ଯାଏ। ଫଳରେ ଏକାକୀପଣ, ଚିନ୍ତା ଏବଂ ଅବସାଦର ଆଶଙ୍କା ବଢ଼େ। ନେଗେଟିଭ୍ କିମ୍ବା ହିଂସାତ୍ମକ କାର୍ଯ୍ୟକ୍ରମ ଦେଖିଲେ ମନ ସର୍ବଦା ସତର୍କ ଅବସ୍ଥାରେ ରହିଥାଏ, ଯାହା ଫଳରେ ଚାପ ହରମୋନ୍ ବଢ଼େ ଏବଂ ମାନସିକ ଥକାନି ବଢ଼େ। ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ, ପ୍ରତିଦିନ ଏକ ଘଣ୍ଟା ଟେଲିଭିଜନ ଦର୍ଶନ କମାଇଲେ ଅବସାଦର ଆଶଙ୍କା ପ୍ରାୟ ଏଗାର ପ୍ରତିଶତ କମେ, ଏକ ଘଣ୍ଟା ଅଧିକ କମାଇଲେ ଛବିଶ ପ୍ରତିଶତ ଏବଂ ଦୁଇ ଘଣ୍ଟା କମାଇଲେ ଚାଳିଶ ପ୍ରତିଶତ କମିଥାଏ। ବିଶେଷ କରି ଚାଳିଶରୁ ପଞ୍ଚଷଠି ବର୍ଷ ବୟସର ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ପ୍ରଭାବ ଅଧିକ ଦେଖାଯାଏ।

ନିଦ୍ରା ଉପରେ ମଧ୍ୟ ଟେଲିଭିଜନର ପ୍ରଭାବ ଅତ୍ୟନ୍ତ କ୍ଷତିକାରକ। ପରଦାରୁ ବାହାରୁଥିବା ନୀଳ ଆଲୋକ ମସ୍ତିଷ୍କକୁ ଦିନ ଭାବେ ସଙ୍କେତ ଦେଇଥାଏ, ଯାହା ନିଦ୍ରା ହରମୋନ୍ ମେଲାଟୋନିନ୍ ଉତ୍ପାଦନକୁ କମାଇଥାଏ। ଫଳରେ ନିଦ୍ରା ଆସିବାରେ ବିଳମ୍ବ ହୁଏ, ନିଦ୍ରାର ଗୁଣବତ୍ତା ଖରାପ ହୁଏ ଏବଂ ଶରୀରର ଘଡ଼ି ବିଗଡ଼ିଯାଏ। ଶୋଇବା ପୂର୍ବରୁ ଟେଲିଭିଜନ ଦେଖିଲେ ପରଦିନ ଥକାନି ଓ ଅସ୍ୱସ୍ତି ଅନୁଭବ ହୁଏ। ଏହା ସହିତ ଟେଲିଭିଜନ ଦେଖୁଥିବା ସମୟରେ ଜଙ୍କ୍ ଫୁଡ୍ ଖାଇବା ରକ୍ତରେ ଶର୍କରାର ଉଠାପଡ଼ା ସୃଷ୍ଟି କରି ମୁଡ୍ ବିଗାଡ଼େ ଏବଂ ଅବସାଦର ଆଶଙ୍କା ବଢ଼ାଏ। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଟେଲିଭିଜନ ଦର୍ଶନର ସମୟକୁ ସୀମିତ ରଖିବା ଅତ୍ୟନ୍ତ ଜରୁରୀ। ବୃଦ୍ଧ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନ ଏକ କିମ୍ବା ଦୁଇ ଘଣ୍ଟାର ମଧ୍ୟରେ ରଖିବା ଉଚିତ୍, ଯାହା ନିଦ୍ରା, ବ୍ୟାୟାମ କିମ୍ବା କାର୍ଯ୍ୟ ଉପରେ ପ୍ରଭାବ ନ ପକାଏ। ପ୍ରତିଦିନ ନିୟମିତ ବ୍ୟାୟାମ, ଚାଲିବା, ଦୌଡ଼ିବା କିମ୍ବା ଯୋଗ ଅଭ୍ୟାସ କରିବା ଦ୍ୱାରା ଶରୀରରେ ସୁଖଦାୟକ ହରମୋନ୍ ବଢ଼େ ଏବଂ ଚାପ କମେ। ଟେଲିଭିଜନ ଲତ କମାଇବା ପାଇଁ ତିରିଶ ଦିନର ଚ୍ୟାଲେଞ୍ଜ ନେବା, କେବଲ୍ କିମ୍ବା ଅନ୍ ଲାଇନ୍ ସେବା ବନ୍ଦ କରିବା, ଟେଲିଭିଜନକୁ ଏକ ପାର୍ଶ୍ୱରେ ରଖିବା ଏବଂ ସେହି ସମୟକୁ ପୁସ୍ତକ ପଢ଼ିବା କିମ୍ବା ଅନ୍ୟ ଶୁଭ କାର୍ଯ୍ୟରେ ବ୍ୟବହାର କରିବା ଭଳି ପଦକ୍ଷେପ ନେବା ଉଚିତ୍।

ସ୍ୱାସ୍ଥ୍ୟ ହିଁ ଜୀବନର ପ୍ରକୃତ ସମ୍ପଦ। ଟେଲିଭିଜନ ଦର୍ଶନକୁ ନିୟନ୍ତ୍ରଣ କରି ଶାରୀରିକ କ୍ରୀଡ଼ା, ପରିବାର ସହିତ ସମୟ ବିତାଇବା ଏବଂ ସାମାଜିକ କାର୍ଯ୍ୟକଳାପରେ ଅଧିକ ନିୟୋଜିତ ହେଲେ ଆମେ ଏକ ସୁସ୍ଥ, ସକ୍ରିୟ ଏବଂ ସୁଖମୟ ଜୀବନ ବଞ୍ଚିପାରିବୁ। ଆଜିର ଆଧୁନିକ ଜୀବନରେ ପରଦାର ଆସକ୍ତିକୁ ନିୟନ୍ତ୍ରଣ କରିବା ହିଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଏବଂ ସଫଳତା।

# ଅଧିକ ଗ୍ୟାସ୍ ଔଷଧ ସେବନ କଲେ

# ହୋଇପାରେ କିଡନୀ ଫେଲ୍ ଓ ହାଡ଼ ଦୁର୍ବଳ



ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ବାହାର ଖାଦ୍ୟପେୟ ଯୋଗୁଁ ପେଟରେ ଗ୍ୟାସ୍, ଜଳାପୋଡ଼ା କିମ୍ବା ଏସିଡିଟି ହେବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ସାମାନ୍ୟ ଅସହଜ ଅନୁଭବ କଲେ ଅନେକ ଲୋକ ନିଜ ଇଚ୍ଛାରେ ଦୋକାନରୁ 'ପ୍ରୋଟୋନ୍ ପମ୍ପ ଇନହିବିଟର୍' (PPI) ଶ୍ରେଣୀର ଔଷଧ ଯଥା— ଓମେପ୍ରାଜୋଲ୍, ପାଣ୍ଟୋପ୍ରାଜୋଲ୍, ଇସୋମେପ୍ରାଜୋଲ୍ କିମ୍ବା ରବେପ୍ରାଜୋଲ୍ ଆଣି ନିୟମିତ ଭାବେ ସେବନ କରିଥାନ୍ତି। ଏହି ଔଷଧଗୁଡ଼ିକ ପେଟରେ ଏସିଡ୍ ଉତ୍ପାଦନ ପ୍ରକ୍ରିୟାକୁ କମାଇ ଦେଇଥାଏ, ଯାହାଫଳରେ ଶୀଘ୍ର ଆରାମ ମିଳିଥାଏ।

ମାତ୍ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବାରମ୍ବାର ଚେତାବନୀ ଦେଇଛନ୍ତି ଯେ, ବିନା ଡାକ୍ତରୀ ପରାମର୍ଶରେ ଦୀର୍ଘଦିନ ଧରି ଏହି ଔଷଧର ସେବନ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇପାରେ। ଏହା କେବଳ ସାମୟିକ ଭାବେ ଗ୍ୟାସ୍ କମାଇଥାଏ, କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହା କିଡନୀ ଅକାମୀ ହେବା (Kidney Failure), ହାଡ଼ ଦୁର୍ବଳ ହେବା (Osteoporosis) ଏବଂ ଅନ୍ୟାନ୍ୟ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ବଢ଼ାଇ ଦେଇଥାଏ।

ଏହି ଔଷଧଗୁଡ଼ିକ ପେଟରେ ଥିବା କ୍ଷୁଦ୍ର ଗ୍ରନ୍ଥିଗୁଡ଼ିକୁ ସାମୟିକ ଭାବେ ନିଷ୍କ୍ରିୟ କରି ଏସିଡ୍ ଉତ୍ପାଦନ ପ୍ରକ୍ରିୟାକୁ କମାଇ ଦେଇଥାନ୍ତି। ସାଧାରଣତଃ ଏସିଡ୍ ରିଫ୍ଲକ୍ସ (Acid Reflux), ପେଟରେ ଘା' (ଚରକ୍ଟ୍ରସମ ଟକ୍ଷମରକ୍ସ) କିମ୍ବା 'ହେଲିକୋବାକ୍ଟର ପାଇଲୋରି' ସଂକ୍ରମଣର ଚିକିତ୍ସା ପାଇଁ ଏହି ଔଷଧଗୁଡ଼ିକୁ ୪ରୁ ୮ ସପ୍ତାହ ପର୍ଯ୍ୟନ୍ତ ସେବନ କରିବାକୁ ପରାମର୍ଶ ଦିଆଯାଇଥାଏ। ମାତ୍ର ଡାକ୍ତରୀ ପରାମର୍ଶ ବିନା ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଏହାର ନିୟମିତ ବ୍ୟବହାର ଅତ୍ୟନ୍ତ ବିପଦଜନକ। ହାଇଦ୍ରାବାଦର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ (Neurologist) ଡଃ ସୁଧୀର କୁମାରଙ୍କ ମତରେ, ଏହି ଔଷଧର ଅତ୍ୟଧିକ ବ୍ୟବହାର ଯୋଗୁଁ ଅନେକ ରୋଗୀ ବିଭିନ୍ନ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ଦୀର୍ଘକାଳୀନ ବ୍ୟବହାର ଦ୍ୱାରା ଶରୀରରେ କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଅବଶୋଷଣ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ, ଯାହା ଫଳରେ ହାଡ଼ଗୁଡ଼ିକ ଦୁର୍ବଳ ହୋଇଯାଏ ଏବଂ 'ଓଷ୍ଟିଓପୋରୋସିସ୍' ଭଳି ସମସ୍ୟା ଦେଖାଦିଏ। ଏଭଳି ସ୍ଥିତିରେ ସାମାନ୍ୟ ଆଘାତ ଲାଗିଲେ ମଧ୍ୟ ହାଡ଼ ଭାଙ୍ଗିବାର (Fracture) ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଥାଏ। ବିଭିନ୍ନ ଗବେଷଣାରୁ ମଧ୍ୟ ପ୍ରମାଣିତ ହୋଇଛି ଯେ ଚଚଓ ଔଷଧର ଅନିୟନ୍ତ୍ରିତ ବ୍ୟବହାର ହାଡ଼ର ସ୍ୱାସ୍ଥ୍ୟ ଉପରେ ଗମ୍ଭୀର କୁପ୍ରଭାବ ପକାଇଥାଏ।

ଗ୍ୟାସ୍ ଔଷଧର ଅନ୍ୟ ଏକ ଗମ୍ଭୀର କୁପ୍ରଭାବ କିଡନୀ ଉପରେ ପଡ଼ିଥାଏ। ବର୍ଷ ବର୍ଷ ଧରି ଏହି ଔଷଧ ସେବନ କରିବା ଦ୍ୱାରା 'କ୍ରୋନିକ୍ କିଡନୀ ଡିଜିଜ୍' ହେବାର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହା କିଡନୀର କାର୍ଯ୍ୟଦକ୍ଷତାକୁ ଧୀରେ ଧୀରେ ହ୍ରାସ କରିଥାଏ, ଯାହା ପରବର୍ତ୍ତୀ ସମୟରେ 'କିଡନୀ ଫେଲ୍' ବା କିଡନୀ ଅକାମୀ ହେବାର ମୁଖ୍ୟ କାରଣ ସାଜିପାରେ।



# ରାଜ୍ୟ ଖବର



# ପିଲାଙ୍କ ହାତଧରି 'ବାପାମାଆ' ଲେଖାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ସବୁ ପିଲାଙ୍କୁ ସ୍କୁଲକୁ ଆଣିବା ଲକ୍ଷ୍ୟରେ ଶନିବାର ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ରାଜଭବନ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅ ।ୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପିଲାମାନଙ୍କୁ ସିଲଟରେ ମାଆ ଓ ବାପା ଶବ୍ଦ ଲେଖାଇ ପାଠପଢ଼ା ଆରମ୍ଭ କରାଇଛନ୍ତି। ଉପସ୍ଥିତ ଅଭିଭାବକ ଓ ପିଲାମାନଙ୍କୁ ଶୁଭକାମନା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତବର୍ଷଠାରୁ ଏହି ପରମ୍ପରାକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରାଯାଉଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଆମେ ରାଜ୍ୟର ପ୍ରାୟ ୫ ଲକ୍ଷ ନିମନ୍ତ୍ରଣପତ୍ର ଚଳିତବର୍ଷ ବଣ୍ଟନ କରିଛୁ। ରାଜ୍ୟରେ ଜଣେ ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ସୁନିଶ୍ଚିତ କରିବା ପାଇଁ ଏହି ଉତ୍ସବ ଆରମ୍ଭ ହୋଇଛି। ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଆଗ୍ରହ ଓ ଶ୍ରଦ୍ଧା ସୃଷ୍ଟି ହେବ, ସେଥିପାଇଁ ସମସ୍ତ ପଦକ୍ଷେପ ନେଉଛୁ। ଶତ ପ୍ରତିଶତ ନାମଲେଖା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶ୍ରୀ ମାଝୀ ଆହୁରି କହିଥିଲେ, ରାଜ୍ୟର ପ୍ରତି ଗାଁରେ, ପ୍ରତି ସାହିଗଳିରେ ବିଦ୍ୟା ଆରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି। ଏହାଦ୍ୱାରା ପିଲାଙ୍କ ନାମଲେଖା ପାଇଁ ବାପାମାଆମାନେ ଉତ୍ସାହିତ ହେଉଛନ୍ତି। ନୂତନ ଶିକ୍ଷାନୀତି ଅନୁଯାୟୀ ଅଙ୍ଗନବାଡ଼ିଗୁଡ଼ିକ ପର୍ଯ୍ୟାୟକ୍ରମେ ଶିଶୁ ବାଟିକାରେ ମିଶିବ। ଗଣମାଧ୍ୟମ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନ ସାଧାରଣଙ୍କ ମଧ୍ୟରେ ସେତୁ ଭଳି କାମ କରିଥାଏ। ଓଡ଼ିଶାର ପ୍ରତିଟି ଶିଶୁ ହେଉଛି ଆମର ଭବିଷ୍ୟତ। ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଗଣମାଧ୍ୟମ ଜନସଚେତନତା ସୃଷ୍ଟି କରୁ। ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ନିଜ ପିଲା ଭଳି ସ୍ନେହ କରିବା ସହ ସେମାନଙ୍କର ସାମଗ୍ରିକ ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ଗଣଶିକ୍ଷା ବିଭାଗ ଶାସନ ସଚିବ ଏନ୍. ଥିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଉପସ୍ଥିତ ଥିଲେ। ପିଲାଙ୍କ ସହିତ କଥା ହେଲେ, ଭଲମନ୍ଦ ବୁଝିଲେ ଖଡ଼ିଛୁଆଁ ଉତ୍ସବରେ ମୁଖ୍ୟମନ୍ତ୍ରୀ ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ପିଲାଙ୍କ ମାନସିକତାକୁ ଲକ୍ଷ୍ୟ କରି ପ୍ରଶ୍ନ ପଚାରିଥିଲେ। ପିଲାଙ୍କୁ ସେମାନଙ୍କ ମା', ବାପାଙ୍କ ନାଁ ପଚାରିବା ସହ ମାମୁ ଘର କେଉଁଠି, କ'ଣ ଖାଇ ଆସିଛ ପଚାରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି କଥାରେ ପିଲାମାନେ ନିଜକୁ ସହଜ ଅନୁଭବ କରିବା ସହ କିଏ ଭଜନ ଗାଇ ଶୁଣାଇଥିଲେ ତ କିଏ ଗାୟତ୍ରୀ ମନ୍ତ୍ର ଗାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡ଼ିଶା' ଓ 'ପଢ଼ିବା ଗଢ଼ିବା ଓଡ଼ିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ପାଇଁ ବିକଶିତ ହୋଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ସେହିପରି ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। ଚିତ୍ରାଙ୍କନ ଷ୍ଟଲ୍‌କୁ ବୁଲି ଦେଖିବା ସହିତ ପିଲାମାନଙ୍କର ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ପିଲାମାନେ ମଧ୍ୟ ସେମାନଙ୍କ ସ୍ୱଅଙ୍କିତ ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ।




# ଜମୁଛି ଭୂତଳ ଜଳସ୍ତର, ବଢୁଛି ଜଳ କଷ୍ଟ

ଭଦ୍ରକ: ଭଦ୍ରକ ଜିଲ୍ଲାରେ ଗତ ତିନି ଦିନ ହେଲା ତାପ ମାତ୍ରା ବଢୁଛି। ଆଜି ଜିଲ୍ଲାରେ ତାପମାତ୍ରା ଥିଲା ୩୧ ଡିଗ୍ରି ଗତକାଲି ଥିଲା ୩୧ ଡିଗ୍ରି ଓ ଗତ ଏପ୍ରିଲ ୧ ତାରିଖରେ ଜିଲ୍ଲାର ତାପମାତ୍ରା ଥିଲା ୩୨ ଡିଗ୍ରି। ଜିଲ୍ଲାରେ ଅଚାନକ ତାପମାତ୍ରା ବୃଦ୍ଧି ଯୋଗୁଁ ଦିନ ଆଉ ରାତିରେ ଅସହ୍ୟ ହେଉଛି ଗୁଳୁଗୁଳି। ଖାଲି ତାପମାତ୍ରା ବୃଦ୍ଧି ଘଟି ନାହିଁ। ଜିଲ୍ଲାରେ ଭୂତଳ ଜଳସ୍ତର ଓ ନଦୀ ଶଯ୍ୟାରୁ ଜଳସ୍ତର ମଧ୍ୟ କମି କମି ଯାଉଛି।। ଏକ ସର୍ଭେରୁ ଜଣାପଡିଛି ଯେ ଗତ ୨୦୧୨ ମସିହା ଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ ଜିଲ୍ଲାରେ ଭୂତଳ ଜଳସ୍ତର କ୍ରମାଗତ ଭାବରେ କମି କମି ଯାଉଛି। ପ୍ରତିବର୍ଷ ଏହି ଜଳସ୍ତର ୦.୫୦ ମିଟରରେ କମି କମି ଯାଉଛି।

ଗତ ୪୦ ବର୍ଷ ପୂର୍ବରୁ ଭଦ୍ରକ ଜିଲ୍ଲାରେ ଭୂତଳ ଜଳ ସ୍ଥର ୨୫ରୁ ୩୦ ମିଟରରେ ମଧୁର ଜଳ ବାହାରୁ ଥିଲା। ଗତ ୨୦ ବର୍ଷ ତଳେ ଏହି ଜଳ ସ୍ତର ଭଦ୍ରକ ସହରାଞ୍ଚଳରେ ୭୦ରୁ ୮୦ ମିଟର ଗଭୀରତାରେ ବିଶୁଦ୍ଧ ପାନୀୟ ଜଳ ବାହାରୁ ଥିଲା। ମାତ୍ର ଏବେ ଏହି ଜଳସ୍ତର ଭଦ୍ରକ ସହରାଞ୍ଚଳରେ ୧୩୦ରୁ ୧୫୦ ମିଟର ପର୍ଯ୍ୟନ୍ତ ଖସି ଯାଉଥିବା ବେଳେ ଭଦ୍ରକର ସମୁଦ୍ର ଉପକୂଳ ଅଞ୍ଚଳ ଚାନ୍ଦବାଲି, ଧାମରା, ବାସୁଦେବପୁର ବ୍ଲକର ଚୂଡାମଣି ଆଦି ଲୁଣା ଜଳ ଅଞ୍ଚଳରେ ୩୦୦ ମିଟର ତଳେ ମଧୁର ଜଳ ବାହାରୁଛି। ଏହି ଜଳସ୍ତର କମିବା ପଛରେ ମୁଖ୍ୟ କାରଣ ହେଉଛି ଅନିୟମିତ ଜଳବାୟୁ, ପାଣିପାଗର ପରିବର୍ତ୍ତନ, କମ ପରିମାଣରେ ବର୍ଷା ହେବାରୁ ଭଦ୍ରକ ଜିଲ୍ଲାର ଭୂତଳ ଜଳ ସ୍ତର କମି ଯାଉଛି। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନାରୁ ପ୍ରକାଶ ଯେ, ଗତ ୫ ବର୍ଷ ହେଲା ଜିଲ୍ଲାରେ ହାରାହାରି ବର୍ଷା ଅନୁପାତ ୩୯ରୁ ୪୫ ମିଲିମିଟର ଭିତରେ ରହିଛି। ବର୍ଷା କମିକମି ଯାଉ ଥିବାରୁ ନଦୀ ଓ ମାଟି ତଳେ ଜଳ କମି ଯାଉଛି ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ସମୁଦ୍ର କୂଳ ଅଞ୍ଚଳରେ ଲୁଣିଆ ଜଳ ବାହାରୁଥିବା ଏହି ଅଞ୍ଚଳରେ ଲୋକନଙ୍କୁ ବିଶୁଦ୍ଧ ଜଳ ଯୋଗଲ ପାଇଁ ୨୦୨୨ରୁ ୨୦୨୫ ମଧ୍ୟରେ ରାଜ୍ୟ ସରକାର 'ଛତା' ଓ 'ଅରୁଆ' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ସମୁଦ୍ର ଉପକୂଳ ଅଞ୍ଚଳରେ ପାନୀୟ ଜଳ ଉତ୍ତୋଳନ କରାଯାଇ ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଣ କରାଯାଉଛି। ସୂଚନାରୁ ପ୍ରକାଶ ଯେ ଭଦ୍ରକ ଜିଲ୍ଲାରେ ଥିବା ୭ ଟି ବ୍ଲକରେ ମୋଟ ୧୬,୭୫୦ଟି ନଳକୂପ ବସିଥିବା ବେଳେ ସେଥିରୁ ଅନେକ ନଳକୂପ ଅଚଳ ହୋଇପଡିଛି। ଏବେ ଜିଲ୍ଲାରେ ୫ ହଜାର ୭୪ ଟି ନଳକୂପ ସଚଳ ରହିଛି। ଅଚଳ ଅଳକୁପ୍ ଗୁଡ଼ିକ ସଚଳ କାଟିବା ପାଇଁ ଲୋକେ ଦାବି କରିଛନ୍ତି । ସେହିପରି ଜିଲ୍ଲାରେ ଚାନ୍ଦବାଲି, ଧାମନଗର ବାସୁଦେବପୁର ଓ ତିହିଡି ଭଳି ୪ଟି ଲୁଣା ଜଳ ବାହାରୁଥିବା ବ୍ଲକରେ ୯୧ ଟି ପଞ୍ଚାୟତ ଓ ୫୦୦ ଗ୍ରାମ ପାଇଁ ୯୦୦ କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ କର୍ଯ୍ୟ ଚାଲିଛି। ଜିଲାରେ ବନ୍ତ, ଭଦ୍ରକ, ଭଣ୍ଡାରି ପୋଖରୀ ବ୍ଲକରେ ମଧ୍ୟ ପ୍ରତି ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରେ ପାଇପ ଲାଇନ୍ ବସାଯାଇ ଓଭର ହେଡ ପାଣି ଟାଙ୍କି ବସାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରାଯାଉରହିଥିବା ବେଳେ ଅନେକ ଜଳ ପ୍ରକଳ୍ପ ଆରମ୍ଭରୁ ହିଁ ଅଚଳ ହୋଇପଡିଛି। କାହାର ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ପଡ଼ିଛି ତ ଆଉ କେଉଁଠି ପଣିଯା ଜଳ ପ୍ରକପକୁ ବିଦ୍ୟୁତ୍ ସଂଯୋଗ କଟି ଯାଇଛି। କେଉଁଠି ପାଇପ ଲାଇନ୍ ଫାଟି ପଡ଼ିଛି। ଏଭଳି ଅବସ୍ଥା ଭିତରେ ଭଦ୍ରକରେ ତାପମାତ୍ରା ବୃଦ୍ଧି ହେବା ସହ ସହର ତଳି ଅଞ୍ଚଳ ଓ ସମୁଦ୍ର ଉପକୂଳ ଅଞ୍ଚଳରେ ଲୋକଙ୍କୁ ଜଳ କଷ୍ଟ ଦେଖିବାକୁ ମିଳିଛି।

# ନେରେଡି ବ୍ୟାରେଜ୍‌କୁ ସୁପ୍ରିମ୍‌କୋର୍ଟଙ୍କ ଗ୍ରିନ୍ ସିଗ୍‌ନାଲ୍, ଗଜପତିରେ ଅସନ୍ତୋଷ

ପାରଳାଖେମୁଣ୍ଡି: ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶ ନିର୍ମାଣ କରୁଥିବା ନେରେଡି ବ୍ୟାରେଜ୍ ପ୍ରକଳ୍ପ ପୁଣି ଚର୍ଚ୍ଚା ଜୋର ଧରିଛି। ପ୍ରକଳ୍ପ ନିର୍ମାଣକୁ ନେଇ ଗଠିତ ଟ୍ରିବ୍ୟୁନାଲ ନିଷ୍ପତ୍ତି ଆନ୍ଧ୍ର ସପକ୍ଷରେ ପ୍ରକାଶ ପାଇବା ପରେ ତା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗଜପତିଜିଲ୍ଲା କାଶୀନଗର ବ୍ଲକର ବଂଶଧାରା ନଦୀକୂଳ ବାସିନ୍ଦାଙ୍କ ଚିନ୍ତା ବଢ଼ିଛି। ପ୍ରକଳ୍ପ ନିର୍ମାଣରେ ବ୍ୟବହୃତ ଜମି ଅଧିଗ୍ରହଣ ହେବାକୁ ଥିବା କ୍ଷତି ପୂରଣ କିଭଳି ପାଇବେ। ସେମାନଙ୍କ ଜୀବନ ଜିବୀକା ଭବିଷ୍ୟତରେ କଣ ପରିବର୍ତ୍ତନ ଘଟିବ ସେନେଇ ଅ ନେକ ଆଶା ଓ ଆକାଂକ୍ଷା ବଢ଼ିଛି। ଆନ୍ଧ୍ର ସରକାର ବଂଶଧାରା ନଦୀ ଜଳ ଟ୍ରିବ୍ୟୁନାଲର ନିଷ୍ପତ୍ତି ନିଜ ସପକ୍ଷରେ ହାସଲ କରିବାରେ ସଫଳ ହୋଇଛି, ଯାହାକୁ ନେଇ ଆନ୍ଧ୍ର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ବୋଲି ବାହାବାହା ନେଉଛନ୍ତି ଆନ୍ଧ୍ରର ବର୍ତ୍ତମାନର ସରକାର। କିନ୍ତୁ ଓଡ଼ିଶା ସରକାରଙ୍କ ପକ୍ଷରୁ ନେରେଡି ବ୍ୟାରେଜ ପ୍ରକଳ୍ପ ନେଇ ଏଯାଏଁ। କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଟ୍ରିବ୍ୟୁନାଲ ରାୟ ପରେ ଓଡ଼ିଶା ସରକାରଙ୍କ ଆଗାମୀ ନିଷ୍ପତ୍ତି କଣ ରହିବ ତାହା ସ୍ୱଷ୍ଟ ହୋଇନାହିଁ। ସେପଟେ ଆନ୍ଧ୍ର ସରକାରଙ୍କ ପକ୍ଷରୁ କେତେ ସହଯୋଗ ମିଳିବ ତାହା ବି ଚିନ୍ତାର ବିଷୟ ପାଲଟିଛି। କିନ୍ତୁ ସେ ଯାହା ହେଉ ନା କାହିଁକି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ନିଶ୍ଚିତ ଭାବରେ କ୍ଷତିଗ୍ରସ୍ତ ଗଜପତି ଜିଲ୍ଲା କାଶୀନଗର ବ୍ଲକର ନଦୀ କୁଳିଆ ଗ୍ରାମବାସୀ। କ୍ଷତିଗ୍ରସ୍ତ ଅଞ୍ଚଳରେ ଗୁପ୍ତ ସର୍ଭେ କରିଥିବା ଚର୍ଚ୍ଚା ହେଉଥିବା ବେଳେ ଆନ୍ଧ୍ର ସରକାର ନେ ବ୍ୟାରେଜ ନିର୍ମାଣ ପାଇଁ ତତ୍ପରତା ଦେଖାଉଛି। ୨୦୨୪ରେ ରାଜନୈତିକ ପ୍ରସଙ୍ଗ କରି କୃଷକମାନଙ୍କୁ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ଆନ୍ଧ୍ରର ଚନ୍ଦ୍ରବାବୁ ନାଇଡୁଙ୍କ ସରକାର ଏବେ ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୁରଣ ଦିଗରେ ପଦ କ୍ଷେପ ନେଇଥିବା କୁହାଯାଉଛି। ବଂଶଧାରା ନଦୀ ଉପ ରେ ଆନ୍ଧ୍ରର ନେରେଡ଼ି ବ୍ୟାରେଜ୍‌କୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ୩ ଦଶନ୍ଧି ଧରି ଲାଗି ରହିଥିଲା ବିବାଦ। ବର୍ତ୍ତମାନ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଆନ୍ଧ୍ର ସପକ୍ଷରେ ରାୟ ଶୁଣାଇଥିବା ନେଇ ପଡୋଶୀ ଆନ୍ଧ୍ର ଶ୍ରୀକାକୁଲମ ଜିଲ୍ଲାର ସାଂସଦ ରାମ ମୋହନ ନାଇଡୁଙ୍କ ଏକ ଭିଡିଓ ବାର୍ତ୍ତା ଭାଇରାଲ ହେବା ପରେ ଗଜପତି ଜିଲ୍ଲାରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭକରି ରାଜନୈତିକ ସ୍ତରରେ ହଇଚଇ ସୃଷ୍ଟି ହୋଇଛି।

# ବରଗଡ଼ରରେ ବନ୍ଦ ହୋଇଯାଇଛି ଅନେକ କାରଖାନା

ବରଗଡ଼: ବରଗଡ଼ର ଅତୀତ ଅଣ୍ଡାଳିଲେ ଖଣ୍ଡଖଣ୍ଡ ମୃତ ଶିଳ୍ପ ମିଳେ। ଚିନିକଳରୁ ନେଇ ସୂତା କାରଖାନା, ସାର କାରଖାନାରୁ ନେଇ ପାୱାରଲୁମ୍; ସବୁ କିଛି ଆଜି ଭଗ୍ନ ସ୍ତୂପ। କର୍ମଚାରୀ ବେକାର ହୋଇ ଏଣେତେଣେ ରୋଜଗାର ଖୋଜୁଛନ୍ତି। ଚାଷୀ ମଧ୍ୟ ନିଜ ଜୀବିକା ହରାଇଛନ୍ତି। କଞ୍ଚାମାଲ ଅଭାବରୁ ସିମେଣ୍ଟ କାରଖାନା ମଧ୍ୟ ଧକେଇ ଚାଲିଛି। ବରଗଡ଼ର ଶିଳ୍ପ ଯାହାକୁ ବୁଝାଉଥିଲା, ତାହା ଏବେ ମରିଗଲାଣି ବୋଲି ମତପ୍ରକାଶ ପାଉଛି।



ଏକଦା ବରଗଡ଼ର ୬୦୦୦ ହେକ୍ଟର ଜମିରେ ଆଖୁଚାଷ କରାଯାଉଥିଲା। ୧୯୭୪ ମସିହାରେ ପ୍ରତିଷ୍ଠା ହୋଇଥିଲା ଏକ ଚିନିକଳ। ଆଖୁଚାଷୀ, ଶ୍ରମିକ ଓ କର୍ମଚାରୀଙ୍କୁ ମିଶାଇ ସମୁଦାୟ ୨୦ ହଜାର ଲୋକ ଚିନିକଳ ଯୋଗୁଁ ରୋଜଗାରକ୍ଷମ ହୋଇପାରିଥିଲେ। ଓଡ଼ିଶା ଏବଂ ବାହାର ରାଜ୍ୟରୁ ମଧ୍ୟ ଶ୍ରମିକ ଓ କର୍ମଚାରୀମାନେ ତାଙ୍କ ପରିବାର ସହିତ ଆସି ଏଠି ସ୍ଥାୟୀ ବାସିନ୍ଦା ଭାବେ ରହିଯାଇଥିଲେ। ଉତ୍ଥାନ ଓ ପତନ ମଧ୍ୟରେ ୪୩ ବର୍ଷ ଧରି ଏହି ଚିନି କାରଖାନା ଚାଲିବା ପରେ ଶେଷରେ ୨୦୧୭ ମସିହାରୁ ଏଠାରେ ଉତ୍ପାଦନ ବନ୍ଦ ରହିଛି। ସମୁଦାୟ ୧୦୩.୨୧ ଏକର ଜମିରୁ ୭୨.୧୨ ଏକର ନିର୍ବିବାଦୀୟ ଜମିକୁ ୪୦.୬୮ କୋଟି ଟଙ୍କାରେ ନେଇଥିଲା ଇଡ୍‌କୋ। ଏଠି ନୂତନ ଶିଳ୍ପ ପ୍ରତିଷ୍ଠା ହେବ ବୋଲି କୁହାଯାଇଥିଲେ ମଧ୍ୟ ତାହାର ଦେଖା ନାହିଁ। ସେହିପରି ତୋରା ଗ୍ରାମରେ ବରଗଡ଼ ସମବାୟ ସୂତାକଳ ଗଢ଼ି ଉଠିଥିଲା। ୧୯୫୯ ମସିହାରେ ପଞ୍ଜୀକୃତ ଏହି ସୂତାକଳ ୧୯୬୯ରେ ସମ୍ପୂର୍ଣ୍ଣ ହୋଇଥିଲା। ୧୯୭୧ ମସିହାରେ ତତ୍କାଳୀନ ଶିଳ୍ପମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ। ସୂତାକଳ ଉପରେ ପ୍ରାୟ ୩ ହଜାର ଲୋକ ଓ ତାଙ୍କ ପରିବାର ନିର୍ଭର କରୁଥିଲେ। କିଛିବର୍ଷ ଠିକ୍‌ଠାକ୍ ଚାଲିବା ପରେ ଅନେକ ଆର୍ଥିକ ସମସ୍ୟା ଉପୁଜିଥିଲା। ୬ ମାସ ଧରି ବିନା ଦରମାରେ କାମ କରୁଥିଲେ ଶ୍ରମିକ।

ପରିବାର ଚଳାଇବା କଷ୍ଟକର ହେଲେ ସୁଦ୍ଧା କାମ ଛାଡ଼ିନଥିଲେ। ସୂତାକଳରେ ପ ରିଚାଳନାଗତ ତ୍ରୁଟି ସହ ଏହାକୁ କଞ୍ଚାମାଲ ଯୋଗାଉଥିବା ହରିୟାଣା କୋଅପରେଟିଭ୍ ମାର୍କେଟ୍ ଫେଡେରେସନ୍‌ର ୨୨ ଲକ୍ଷ ଟଙ୍କା, ବିଦ୍ୟୁତ୍ ବିଭାଗର ପ୍ରାୟ ୨୪ ଲକ୍ଷ ଟଙ୍କା, ସ୍ପିନିଂମିଲ୍ ପଞ୍ଜାବ ଓ ମହାରାଷ୍ଟ୍ର ଫେଡରେସନ୍‌ର ମଧ୍ୟ ବହୁ ବକେୟା ଟଙ୍କା ଦେଇ ପାରି ନଥିଲା। ଗୋଟିଏ ପରେ ଗୋଟିଏ ଆର୍ଥିକ ସମସ୍ୟା ସୂତାକଳର ଭବିଷ୍ୟତ ଉପରେ ପ୍ରଶ୍ନ ଉଠାଉଥିଲା। ଶେଷରେ ୧୯୯୯ ମସିହାରେ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥିଲା। ଅନୁରୂପ ଭାବେ ବରଗଡ଼ର ସାର କାରଖାନା, ନାଗେନପାଲି ନିକଟରେ ସଲ୍‌ଭେଣ୍ଟ ପ୍ଲାଣ୍ଟ, ରାମନଗର ପାୱାରଲୁମ୍ ଫ୍ୟାକ୍ଟ୍ରି, ହ୍ୟାଣ୍ଡଲୁପ୍ ଫ୍ୟାକ୍ଟ୍ରି ଆଦି ବନ୍ଦ ହୋଇଯାଇଛି। ଡୁଙ୍ଗୁରିସ୍ଥିତ ଚୂନଖଣି ବନ୍ଦ ହେବା ପରେ ଏଠାରେ ଥିବା ସିମେଣ୍ଟ କାରଖାନା ପାଇଁ କଞ୍ଚାମାଲର ଅ ଭାବ ଦେଖାଦେଇଛି। ରାଜ୍ୟ ବାହାରୁ କଞ୍ଚାମାଲ ସଂଗ୍ରହ କରି ବହୁ କଷ୍ଟରେ କାରଖାନା ଚାଲିଥିବା ଜଣାପଡ଼ିଛି। ବନ୍ଦ ପଡ଼ିଥିବା ଶିଳ୍ପର ପୁନରୁଦ୍ଧାର ସହ ଅନ୍ୟାନ୍ୟ ଶିଳ୍ପାୟନ ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ରାଜ୍ୟ ଖବର



## ଓଡ଼ିଶା କ୍ୟାବିନେଟ୍ ୩୫୨ କୋଟି ଟଙ୍କା ନିବେଶ

# ବଡ଼ମ୍ବା ଚିନିକଳ ପୁନରୁଦ୍ଧାର ପ୍ୟାକେଜ୍‌କୁ ଅନୁମୋଦନ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା କ୍ୟାବିନେଟ୍ କଟକ ଜିଲ୍ଲାରେ ଦୀର୍ଘଦିନ ଧରି ବନ୍ଦ ଥିବା ବଡ଼ମ୍ବା ସମବାୟ ଚିନି ଶିଳ୍ପ ଲିମିଟେଡ୍ କୁ ପୁନରୁଦ୍ଧାର କରିବା ପାଇଁ ଏକ ପ୍ରୋତ୍ସାହନ ପ୍ୟାକେଜ୍ କୁ ଅନୁମୋଦନ କରିଛି। ଓଡ଼ିଶା ଭ୍ରମଣ ଗାଇଡ୍ ଇଣ୍ଡଷ୍ଟ୍ରିଆଲ୍ ନୀତି ରିଜୋଲ୍ୟୁସନ୍, ୨୦୨୨ ରେ ସ୍ୱତନ୍ତ୍ର/ଅତିରିକ୍ତ ସହାୟତା ବ୍ୟବସ୍ଥାର ବ୍ୟବସ୍ଥା ଅଧୀନରେ ଇଫକୋ ଭଳି ସମବାୟ ସଂସ୍ଥାଗୁଡ଼ିକ ଦ୍ୱାରା ଧାରଣ କରାଯାଇଥିବା ଏକ ସରକାରୀ କ୍ଷେତ୍ର କମ୍ପାନୀ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍ ମାଧ୍ୟମରେ ମିଲ୍ କୁ ପୁନରୁଦ୍ଧାର କରିବା ପାଇଁ ଓଡ଼ିଶା ସମବାୟ ବିଭାଗର ପ୍ରସ୍ତାବ ପରେ ଏହା କରାଯାଇଥିଲା। ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀ ଆଇପିଏଲ୍‌କୁ ଚିନିକଳକୁ ପୁନରୁଦ୍ଧାର କରିବା ପାଇଁ ବିଚାର କରିବାକୁ ଅନୁରୋଧ କରିଥିଲେ, ଯାହା ୨୦୧୧ ମସିହାରୁ ଅଚଳ ହୋଇ ପଡ଼ିଛି ଏବଂ ଆଖୁ ଚାଷୀମାନଙ୍କୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି। ବଡମ୍ବା ଏବଂ ସଂଲଗ୍ନ ଅଞ୍ଚଳର ଗ୍ରାମୀଣ ଅର୍ଥନୀତି। 'ଶିଳ୍ପ ବନ୍ଦ ହେବା ଯୋଗୁଁ, ଆଖୁ ଚାଷୀମାନେ ପାରମ୍ପରିକ ଧାନ ଚାଷକୁ ସ୍ଥାନାନ୍ତରିତ ହୋଇଛନ୍ତି, ଏବଂ ସମଗ୍ର ଚିନି ଏବଂ ସହାୟକ ଶିଳ୍ପ ଇକୋସିଷ୍ଟମ ଭୁଶୁଡ଼ି ପଡ଼ିଛି।' ବିଭାଗ କୁ ମିଆଦୀ ଋଣ ଉପରେ ୪% ସୁଧ ସବଭେନ୍ସନ୍ ପାଇଁ କ୍ୟାବିନେଟ୍ ଅନୁମୋଦନ ଲୋଡିଛି, ଓଚଜ-୨୦୨୨ ଅନ୍ତର୍ଗତ ମାନକ ୨୦%



ଉପରେ ଅତିରିକ୍ତ ୧୦% ପୁଞ୍ଜି ନିବେଶ ସବସିଡି, ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ଯୋଗ୍ୟ ନିବେଶ ପାଇଁ ମୋଟ ୩୦% କୁ ଆଣିଛି। ଏଗୁଡ଼ିକ ରାଜ୍ୟର ଶିଳ୍ପ ନୀତି ସଂକଳ୍ପ ୨୦୨୨ ଅନ୍ତର୍ଗତ ପ୍ରାଥମିକତା/ପ୍ରୋତଯୋଗ କ୍ଷେତ୍ର ପାଇଁ ଉପଲବ୍ଧ ପ୍ରୋତ୍ସାହନ ସହିତ ସମନ୍ୱିତ, ଯାହା ପୁଞ୍ଜି ସବସିଡି, ବିଦ୍ୟୁତ ଶୁଳ୍କ ଛାଡ଼ ଏବଂ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ୟାନ୍ୟ ସୁବିଧା ପ୍ରଦାନ କରେ। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ୩୬୦ କୋଟି ଟଙ୍କା ନିବେଶ ସହିତ ବଡ଼ମ୍ବା ଚିନିକଳର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ପାଇଁ ଆଇପିଏଲ ପରିଚାଳନା ନିର୍ଦ୍ଦେଶକ ପି ଏସ ଗହଲୌତ ଏବଂ ଓଡ଼ିଶା ସମବାୟ ବିଭାଗର କମିଶନର-ସଚିବ ରାଜେଶ ପ୍ରଭାକର ପାଟିଲ ୬ ମାର୍ଚ୍ଚ, ୨୦୨୬ ରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ କରିଥିଲେ। ଏହା ପୂର୍ବରୁ ଦୁଇଟି ଚିନି ମିଲ୍ - ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନି ମିଲ୍ସ ଲିମିଟେଡ୍ ଏବଂ କଟକର ବଡ଼ମ୍ବା ସମବାୟ ଚିନି ଶିଳ୍ପ ଲିମିଟେଡ୍ - କୁ ପୁନରୁଦ୍ଧାର କରିବା ପାଇଁ ନୀତିଗତ ଅନୁମୋଦନ ପରେ ହୋଇଥିଲା - ଯାହା ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଅଚଳ ହୋଇପଡ଼ିଛି। ଓଡ଼ିଶା ଭ୍ରମଣ ମାର୍ଗଦର୍ଶିକା

ଚାଷୀଙ୍କ ଆୟ ବୃଦ୍ଧି ଏବଂ ସ୍ଥିର ହେବ ଏବଂ ୫୦୦ ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସହିତ ଯଥେଷ୍ଟ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହା ଆନୁଷଙ୍ଗିକ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ, ଧାନରୁ ଲାଭଦାୟକ ନଗଦ ଫସଲ ପର୍ଯ୍ୟନ୍ତ ଫସଲ ବିବିଧତାକୁ ପ୍ରୋତ୍ସାହିତ କରିବ ଏବଂ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବ। ସହ-ଉତ୍ପାଦନ ଏବଂ ଉଇଏ ଉତ୍ପାଦନ ସହିତ ସମନ୍ୱିତ ମଡେଲ୍ ନବୀକରଣୀୟ ଶକ୍ତି ଉତ୍ପାଦନକୁ ସମର୍ଥନ କରିବ ଏବଂ ବୃତ୍ତାକାର ଜୈବ-ଅର୍ଥନୀତିକୁ ଆଗକୁ ବଢ଼ାଇବ, ସନ୍ତୁଳିତ ଆଞ୍ଚଳିକ ବିକାଶ ଏବଂ ଗ୍ରାମୀଣ ଶିଳ୍ପାୟନରେ ଯୋଗଦାନ ଦେବ।

# କାମରେ ଆସୁନି ଆଡିବନ୍ଧ, ସର୍ଭେରେ ସୀମିତ ସତିଘାଟ ପ୍ରକଳ୍ପ

ଝରିଗାଁ:ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକ ଏକ କୃଷି ପ୍ରଧାନ ବ୍ଲକ ଭାବେ ପରିଚିତ। ବ୍ଲକର ୯୦ ପ୍ରତିଶତ ଲୋକ ଲୋକ କୃଷି ଉପରେ ନିର୍ଭରଶୀଳ। ତେବେ ପ୍ରଶାସନ ଏବଂ ଲୋକ ପ୍ରତିନିଧିମାନଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଜମିରେ ଜଳସେଚନ ସୁବିଧା ହୋଇ ପାରୁନାହିଁ। ତେଣୁ ସ୍ଥାନୀୟ ଚାଷୀ ବର୍ଷା ଉପରେ ସମ୍ପୂର୍ଣ୍ଣ ଭରସା କରନ୍ତି। ସଠିକ ସମୟରେ ବର୍ଷା ନହେଲେ ବର୍ଷକର ଚାଷ ବୁଡିବା ସମ୍ଭାବନା ରହିଥାଏ।

ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଚାଷୀମାନଙ୍କ ଜମିରେ ଜଳ ସେଚନ ସୁବିଧା ପାଇଁ ନାଳ ଓ ନଦୀ ଗୁଡିକରେ ଆଡ଼ିବନ୍ଧ ନିର୍ମାଣ କରାଯାଇଥିଲା।ତେବେ ଆଡ଼ିବନ୍ଧ ନିର୍ମାଣର ସ୍ଥାନ ନିରୂପଣ ଠିକ ନଥିବା ଯୋଗୁଁ ଆଡ଼ିବନ୍ଧ ଗୁଡିକ କାମରେ ଆସୁନାହିଁ। ପ୍ରାୟ ଆଡ଼ିବନ୍ଧ ଗୁଡିକରେ ବର୍ଷା ପାଣି ରହୁ ନଥିବା ବେଳେ ଅଳ୍ପ ଆଡ଼ିବନ୍ଧରେ ବର୍ଷା ପାଣି ରହୁଛି।ତେବେ ଯେଉଁ ଆଡ଼ିବନ୍ଧରେ ବର୍ଷା ପାଣି ରହୁଛି ସେଠାରେ ଆଡ଼ିବନ୍ଧ ଠାରୁ ଜମି ଗୁଡିକ ବହୁତ ଉପରେ ଥିବା ଯୋଗୁଁ ଚାଷୀ ଜମିରେ ପାଣି ମଡ଼ାଇବା ପାଇଁ ସମ୍ଭବ ହେଉନାହିଁ।

ସେହିପରି କିଛି ଆଡ଼ିବନ୍ଧରେ ଲାଗିଥିବା ଲୁହା ଗୁଡିକ ଅଛିକି ନାହିଁ ସନ୍ଦେହ। ଫଳରେ ପ୍ରଶାସନ ପକ୍ଷରୁ ନିର୍ମାଣ ହୋଇଥିବା ଆଡ଼ିବନ୍ଧ କୌଣସି କାମରେ ଆସୁନାହିଁ। ଆଡ଼ିବନ୍ଧରେ ପାଣି ନଥିବା ବେଳେ ଲୋକ ଆଡ଼ିବନ୍ଧକୁ ଲାଗିକି ଧାନ ଓ ମକା ଚାଷ କରୁଛନ୍ତି। ପ୍ରଶାସନ ପକ୍ଷରୁ ସାମୁହିକ ଗଭୀର ନଳକୂପ ଖନନ କରି ଚାଷ ଜମିରେ ଜଳ ସେଚନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଝରିଗାଁ ବ୍ଲକରେ ମଧ୍ୟ କିଛି ଚାଷୀ ମାନଙ୍କୁ ନେଇ ବିଭିନ୍ନ ଚାଷ ଜମିରେ ସାମୁହିକ ଗଭୀର ନଳକୂପ ଖନନ କରାଯାଇଛି।ତେବେ ଏହା ମଧ୍ୟ ବିଭିନ୍ନ କାରଣ ଯୋଗୁଁ ଚାଷ କାମରେ ଆସୁନଥିବା ଅଭିଯୋଗ ହୋଇଛି। ସେହିପରି କିଛି ପଞ୍ଚାୟତର ଚାଷୀ ସାମୁହିକ ଗଭୀର ନଳକୂପ ଖନନ ପାଇଁ ଟଙ୍କା ପୌଠ କରିବାର ଦୀର୍ଘ ବର୍ଷ ପରେ ପ୍ରଶାସନ ପକ୍ଷରୁ ଗଭୀର ନଳକୂପ ଖନନ ହୋଇଥିଲା। ତେବେ ବିଦ୍ୟୁତ ସଂଯୋଗ ହୋଇ ନଥିବା ଯୋଗୁଁ ଚାଷ କାମରେ ଗଭୀର ନଳକୂପ କୌଣସି କାମରେ ଆସୁ ନଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ଆଉ କିଛି ଚାଷୀ ସଚେତନତା ଅଭାବ ଯୋଗୁଁ ଏହି



ଯୋଜନା ସମ୍ପର୍କରେ ଜାଣିପାରୁ ନାହାନ୍ତି ଫଳରେ ଏହାର ଫାଇଦା ଉଠାଇ ପାରୁ ନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତାର ଆବଶ୍ୟକ ରହିଛି।

ଅନ୍ୟପକ୍ଷେରେ ଚଚା ପଞ୍ଚାୟତ ଅନ୍ତର୍ଗତ ଗବାଗୁଡା ଗ୍ରାମର ସତୀଘାଟ ନଦୀରେ ନୂତନ ଭାବେ ପ୍ରକଳ୍ପ ନିର୍ମାଣ କରି ଜମିକୁ ଜଳ ସେଚନ କରିବା ପାଇଁ ପୂର୍ବ ସରକାର ପକ୍ଷରୁ ନିଷ୍ପତ୍ତି ନେଇ ଥିବା ବେଳେ କେବଳ ସର୍ଭେ କାମରେ ସୀମିତ ରହି ଯାଇଥିଲା।ବର୍ତ୍ତମାନ ନୂତନ ସରକାର ଆସିବା ପରେ ମଧ୍ୟ ପ୍ରକଳ୍ପ ନିର୍ମାଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି।ଫଳରେ ଏଠାକାର ଚାଷୀ ମାନେ ଜଳ ସେଚନ ସୁବିଧା ପାଇବାରୁ ବଞ୍ଚିତ ହୋଇ କେବଳ ବର୍ଷା ପାଣି ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି।

ଗତବର୍ଷ ଖରିଫ ଋତୁରେ ହଜାର ହଜାର ହେକ୍ଟର ଜମିରେ ଜଳ ସେଚିତ ହେଉଥିବା ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିବା ବେଳେ ବାସ୍ତବରେ ତାହା ଢେର କମ ହେବ।ଯଦି ପ୍ରଶାସନ ପକ୍ଷରୁ ଝରିଗାଁ ବ୍ଲକରେ ଥିବା ଜମି ଗୁଡିକରେ ଜଳ ସେଚନ ସୁବିଧା କରାଯାଏ ତେବେ ଚାଷୀ ମାନେ ବର୍ଷା ପାଣିକୁ ନିର୍ଭର ନକରି ବର୍ଷକୁ ଦୁଇ ଥର ଚାଷ କରିବା ସହ ଆର୍ଥିକ ମାନଦଣ୍ଡ ସୁଧାରିବା ପାଇଁ ସୁଯୋଗ ମିଳିପାରିଥାନ୍ତା।ତେଣୁ ପ୍ରଶାସନ ତୁରନ୍ତ ଚାଷ ଜମିରେ ଜଳ ସେଚନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଚାଷୀ ମାନେ ଦାବି କରିଛନ୍ତି।

# କାମରେ ଲାଗୁନି ଗାଈଖାଇ ଡ୍ୟାମ: ଜଳାଶୟରେ ପାଣି କମ୍, କେନାଲ୍ ଶୁଖିଲା

ବଲାଙ୍ଗୀର: ବଲାଙ୍ଗୀର ଓ ସୁବର୍ଣ୍ଣପୁରଜିଲ୍ଲା ପାଇଁ ବୃହତ୍ ଜଳସେଚନ ପ୍ରକଳ୍ପ ଭାବେ ଗାଈଖାଇ ଡ୍ୟାମ୍‌କୁ ପରିଗଣିତ କରାଯାଉଥିଲା। ଏହି ଡ୍ୟାମ୍‌ରୁ ଉଭୟ ଜିଲ୍ଲାର ଅଣଜଳସେଚିତ ଅଞ୍ଚଳକୁ ପାଣି ମାଡ଼ିବା ସହ ଏହାକୁ ପରିବେଶ ପର୍ଯ୍ୟଟନ ଶ୍ରେଣୀରେ ଗଣାଗଲା। ସାଧାରଣତଃ, ଅକ୍ଟୋବରରୁ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁ ଚାଲିଥାଏ। କିନ୍ତୁ ବଲାଙ୍ଗୀର ଜିଲ୍ଲାରେ ନଦୀନାଳ ଓ ଅନ୍ୟ ଜଳାଶୟ ଆଗୁଆ ଶୁଖିଲା ପଡ଼ିବା ସହ ପ୍ରଚଣ୍ଡ ଖରା ଯୋଗୁଁ ପର୍ଯ୍ୟଟକ ଆସୁନାହାନ୍ତି। ଗାଈଖାଇ ଜଳଭଣ୍ଡାରକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ଥିବା ହ୍ରଦରେ ବୋଟିଂ ସହ ଅନ୍ୟ ଜଳକ୍ରୀଡ଼ାର ସୁବିଧା ରହିଛି। ପୂର୍ବ ବର୍ଷରେ ମାର୍ଚ୍ଚ ମାସ ଯାଏଁ ଏଠାକୁ ପର୍ଯ୍ୟଟକ ଆସୁଥିଲେ। କିନ୍ତୁ ଏଥର ଫେବୃଆରି ପହିଲାରୁ କାଁଭାଁ ପର୍ଯ୍ୟଟକଙ୍କ ପାଦ ପଡୁଛି। ଜଳଭଣ୍ଡାର କୂଳ ଅଞ୍ଚଳ ଶୁଖି ସାରିଛି। ଏଠାରେ ସର୍ବାଧିକ ଜଳଧାରଣ କ୍ଷମତା ୭୫ ଫୁଟ। ଫେବୃଆରି ମାସରେ ଏହା ଖସି ୩୫ ଫୁଟରେ ପହଞ୍ଚିଥିଲା। ଏଠାରେ ୪୫ ଫୁଟ ପାଣି ରହିଲେ ଯାଇ ବୋଟିଂ ସୁବିଧା ଉପଲବ୍ଧ ହୋଇପାରିବ। କମ୍ ପାଣି ଯୋଗୁଁ ଆଉ ବୋଟ୍ ଚଳାଇବା ସମ୍ଭବ ହେଉନାହିଁ। ତେଣୁ ଆଗତୁରା ଏଠାରେ ବୋଟିଂ ସୁବିଧା ବନ୍ଦ ହୋଇଯାଇଛି। ଗାଈଖାଇ ଜଳଭଣ୍ଡାରର ପରିସୀମା ୧୨୫ ଏକର। ଏଥିରୁ ୫୦ ଏକର ଜବରଦଖଲରେ ରହିଛି। ଜମି ଚିହ୍ନଟ ପ୍ରକ୍ରିୟା ମଧ୍ୟ ଆଗେଇ ନାହିଁ। ଅଙ୍ଗନଦୀର ଜଳସ୍ରୋତ ଉପରେ ଏହି ଜଳଭଣ୍ଡାରର ଭାଗ୍ୟ ତିଷ୍ଠି ରହୁଛି। ଗତ ଜାନୁଆରି ମାସରୁ ଅଙ୍ଗନଦୀ ଶୁଖି ସାରିଛି। ଅଙ୍ଗନଦୀ ମୁଖ୍ୟ କେନାଲ୍‌ର ଲମ୍ବ ୫୭ କିଲୋମିଟର୍। ଏଥିରୁ ଗାଈଖାଇ ଡ୍ୟାମ୍ ଉପର ମୁଣ୍ଡରେ ୨୪ କିମି ଓ ତଳକୁ ସୁବର୍ଣ୍ଣପୁର ଜିଲ୍ଲା କୁଡ଼ାଡେରା ଯାଏଁ ୩୩ କିଲୋମିଟର୍ ଲମ୍ବ କେନାଲ୍ ସୁବିଧା ରହିଛି। ଇତିମଧ୍ୟରେ ଡ୍ୟାମ୍ ତଳକୁ ମୁଖ୍ୟ କେନାଲର ୧୦ କିମି ଉନ୍ନତୀକରଣ ପାଇଁ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ୍ ୧୭୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। କେନାଲ୍‌ର କଂକ୍ରିଟୀକରଣ ସହ ପଙ୍କୋଦ୍ଧାର କରାଯାଇଛି। କିନ୍ତୁ, କେନାଲ୍‌ରେ ବୁନ୍ଦାଏ ପାଣି ନାହିଁ। ଜଳଭଣ୍ଡାରରେ ପାଣି ନିଅଣ୍ଟ ଥିବାରୁ କେନାଲ୍‌କୁ ପାଣି ଛାଡ଼ିବା ସମ୍ଭବ ହେଉନାହିଁ। ଫଳରେ ରବି ଚାଷ ପାଇଁ ପାଖାପାଖି ୩ଶହ ହେକ୍ଟର ଜମି ଟାଙ୍ଗରା ପଡ଼ିଛି। ଏହି ଜଳଭଣ୍ଡାର ଓ କେନାଲ୍ ଜରିଆରେ ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲ୍ଲାର ଚାଷୀଙ୍କୁ ପାଣି ଯୋଗାଇବା ଲକ୍ଷ୍ୟ ରହିଥିଲା। କିନ୍ତୁ ଅଙ୍ଗନଦୀ ଶୁଖିବା କାରଣରୁ ଜଳଭଣ୍ଡାରକୁ ପର୍ଯ୍ୟାପ୍ତ ପାଣି ଆସୁନାହିଁ। ଏହି ପ୍ରକଳ୍ପ ଫେଲ୍ ମାରିଥିବା ଜଳଜଳ ଦିଶୁଛି।

# ରଥଯାତ୍ରାରେ ପୁରୀ ରେଳଷ୍ଟେସନ ଲୋକାର୍ପଣ

ଭୁବନେଶ୍ୱର: ରଥଯାତ୍ରା ପୂର୍ବରୁ ପୁରୀ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଶେଷ ହେବ। ରଥଯାତ୍ରାରେ ତୀର୍ଥଯାତ୍ରୀଙ୍କୁ ନୂଆ ଷ୍ଟେସନରେ ସ୍ୱାଗତ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଷ୍ଟେସନ ବିଲଡିଂ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଛି। ପ୍ଲାଟଫର୍ମର ନବୀକରଣ ଓ ପାଚେରି ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଇଛି ବୋଲି ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ୍ କହିଛନ୍ତି। ରେଳ ସଦନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଫୁଙ୍କ୍‌ୱାଲ୍ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଚାଲିଥିବା ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ୨୦୨୬ ଡିସେମ୍ବର ସୁଦ୍ଧା ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ଲାଇନ୍ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ରେଳ ଲାଇନ୍ ଅଧୀନରେ ୭ଟି ଯାକ ଟନେଲ୍ ନିର୍ମାଣ ସରିଛି। ଭାୟାଡକ୍ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟ ପ୍ରମୁଖ ରେଳ ଲାଇନ୍ କାମ ମଧ୍ୟ ତ୍ୱରାନ୍ୱିତ ହେଉଛି। ଭୁବନେଶ୍ୱର ରେଳ ଷ୍ଟେସନ କାର୍ଯ୍ୟ ଦ୍ରୁତଗତିରେ ଅଗ୍ରଗତି କରିଥିବା ନେଇ ସେ କହିଛନ୍ତି।ସେ ଆହୁରି କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ଭାରତୀୟ ରେଳପଥର ଶ୍ରେଷ୍ଠ ମାଲ୍ ପରିବହନ କ୍ଷେତ୍ର ଭାବରେ ନିଜ ସ୍ଥାନ ବଜାୟ ରଖିଛି। ଏହି ଆର୍ଥିକ ବର୍ଷରେ ଲୋଡିଂ ଓ ଅନ୍‌ଲୋଡିଂକୁ ମିଶାଇ ପୂର୍ବତଟ ରେଳପଥ ଏଥର ୫୪୪.୮୨ ଏମ୍‌ଟି ମାଲ୍ ପରିବହନ କରିଛି ଏବଂ ୩୨ହଜାର ୭୬୬ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି କରିଛି। କେବଳ ମାଲ୍ ପରିବହନରୁ ୨୯ହଜାର ୪୫୬ କୋଟି ରୋଜଗାର ହୋଇଛି। କ୍ରମାଗତ ଭାବେ ୭ମ ଥର ପାଇଁ ୨୦୦ ମେଟ୍ରିକ ଟନ୍ ମାଲ୍ ଲୋଡିଂ ଅତିକ୍ରମ କରିଛି ଏବଂ ୯ମ ବର୍ଷ ପାଇଁ ସର୍ବାଧିକ ମାଲ୍ ଲୋଡ୍‌ର ହୋଇଛି।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com,
Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ